## ସଂକ୍ଷେପରେ

### ଇନ୍ଦିରା ଗାନ୍ଧୀଙ୍କ ତିରୋଧାନ ଦିବସ

**ଢେଙ୍କାନାଳ ଅଫିସ, ୧।୧୧:** ସ୍ଥାନୀୟ ଉଫୁନା ଅନୁଷ୍ଠାନ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ରାଜ୍ୟ ଅଧକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଅଧକ୍ଷତା କରି ଇନ୍ଦିରାଙ୍କ ସ୍ମୃତିଚାରଣ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଅକ୍ଷୟ ଶତପଥୀ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଇନ୍ଦିରା ଗାନ୍ଧୀଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଦିଲୀପ ନନ୍ଦ, କବି ବାହାଦୁର ପାଟସାହାଣୀ, ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ, ବିଦ୍ୟାଧର ବାରିକ, ଲୋକନାଥ ବରାଳ, ଦେବପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟସେବାରେ ଜିଲାକୁ ଅଗ୍ରାଧିକାର ଦାବି

**ଢେଙ୍କାନାଳ ଅଫିସ, ୧।୧୧:** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଢେଙ୍କାନାଳ ଜିଲାକୁ ଅଗ୍ରାଧିକାର ଦେବାକୁ ସଚେତନ ନାଗରିକ ଫୋରମ୍ ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସରେ ଗୁରୁବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୁରାତନ ଜିଲା ଚିକିତ୍ସାଳୟରେ ଅତ୍ୟାଧୁନିକ ଟ୍ରମା କେୟାର ସେଣ୍ଟର, ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କ ଲାଗି ଅତ୍ୟାଧୁନିକ ଚିକିତ୍ସା ସୁବିଧା ଏବଂ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ମୋ ସରକାର ଯୋଜନାରେ ତୁରନ୍ତ ଦାବି ପୂରଣ କରିବାକୁ ଫୋରମ୍‌ର କର୍ମକର୍ତ୍ତାମାନେ ସଚିବଙ୍କୁ ଅନୁରୋଧ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଙ୍ଗଠନର ସଭାପତି ପ୍ରଦ୍ୟୁମ୍ନ ରଥ, ସମ୍ପାଦକ ଭରତ ଦାସ, ଉପସଭାପତି ପଙ୍କଜ ନାୟକ, ଯୁଗ୍ମ ସମ୍ପାଦକ ଗୁପ୍ତେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ରାଷ୍ଟ୍ରୀୟ ଏକତା ଦିବସ ପାଳିତ

**ଢେଙ୍କାନାଳ ଅଫିସ, ୧।୧୧:** ସ୍ଥାନୀୟ ଡ. ଦାଶରଥି ମିଶ୍ର ହାଇସ୍କୁଲରେ ଗୁରୁବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଏବଂ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, କୁଇଜ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟିର ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ କୌଟିଲ୍ୟଙ୍କ ସଚ୍ଚୋଟତାର ଉଦାହରଣ ଦେଇ ଦୁର୍ନୀତିମୁକ୍ତ ସମାଜ ଗଠନ ଲାଗି ଆହ୍ୱାନ ଦେଇଥିଲେ। ଶିକ୍ଷକ ଅଶୋକ ପ୍ରଧାନ, ଶିକ୍ଷୟିତ୍ରୀ କମଳା ଦାସ, ସରଳା ସାହୁ, କବିତା ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଶିକ୍ଷକ ସୁଶୀଲ ସାହୁ ଧନ୍ୟବାଦ ଦେଇଥିଲେ।

### ବଳାତ୍କାର ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଧାରଣା




**ଢେଙ୍କାନାଳ ଅଫିସ, ୧।୧୧:** ଢେଙ୍କାନାଳ ସଦର ଥାନା ବଣସିଂହ ପଞ୍ଚାୟତ ଅନ୍ତର୍ଗତ ଭାଟକାଟେଣୀ ଅଞ୍ଚଳର ଜଣେ ବଳାତ୍କାର ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ଅଣ୍ଟାଭିଡ଼ିଛି ବହୁଜନ ସମାଜ ପାର୍ଟି ଶାଖା। ଏ ନେଇ ଦଳ ପକ୍ଷରୁ ଶୁକ୍ରବାର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବା, ପୀଡ଼ିତାଙ୍କୁ ନ୍ୟାୟ ସାଙ୍ଗକୁ କ୍ଷତିପୂରଣ ପ୍ରଦାନ କରିବା ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଆଇନଜୀବୀ ଚିତ୍ରସେନ ନାୟକ, ପ୍ରଶାନ୍ତ ନାୟକ, ଯୁଧିଷ୍ଠିର ପାତ୍ର, ସସ୍ମିତା ମହାନ୍ତି, ସୀତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ଅବହେଳା କରାଗଲେ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ଜିଲା ସଭାପତି ଚେତାବନୀ ଦେଇଛନ୍ତି।

■ସ୍ୱୟଂଶାସିତ ମାନ୍ୟତା ପ୍ରତ୍ୟାହାର ନିଷ୍ପତ୍ତିକୁ ବିରୋଧ

# ରାସ୍ତାକୁ ଓହ୍ଲାଇଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

■ପ୍ରଶାସନକୁ ୨୪ଘଣ୍ଟା ମହଲତ

**ଢେଙ୍କାନାଳ ଅଫିସ, ୧।୧୧**

ସ୍ଥାୟୀ ଅଧ୍ୟାପକ ନିଯୁକ୍ତି ଦିଆଯାଉ ନ ଥିବାରୁ ସ୍ୱୟଂଶାସିତ ମାନ୍ୟତା ହରାଇବାକୁ ଯାଉଛି ଢେଙ୍କାନାଳ କଲେଜ। ଏ ନେଇ ନୂଆଦିଲ୍ଲୀସ୍ଥିତ ୟୁନିଭରସିଟି ଗ୍ରାଣ୍ଟ କମିଶନ (ୟୁଜିସି) ଷ୍ଟାଣ୍ଡିଂ କମିଟି ପତ୍ର ଲେଖି କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି। ୟୁଜିସିର ଏହି ନିଷ୍ପତ୍ତି ବିରୋଧରେ ତାତିଛନ୍ତି ଯୁକ୍ତ ୩ ବିଭାଗର ଛାତ୍ରୀଛାତ୍ର। ପ୍ରତିବାଦ ସ୍ୱରୂପ ସେମାନେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୦ଟାରୁ କଲେଜ ଫାଟକ ସମ୍ମୁଖରେ ଥିବା ସହରର ପ୍ରମୁଖ ରାସ୍ତାକୁ ଅବରୋଧ କରି ଧାରଣାରେ ବସିଥିଲେ। ଫଳରେ ୨ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ସୂଚନା ପାଇ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇ, ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ପ୍ରମୁଖ ପୋଲିସ ସହ ପହଞ୍ଚି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଏ ନେଇ ପ୍ରଶାସନ ପଦକ୍ଷେପ ନେବ ବୋଲି ଲିଖିତ ଭାବେ ଦେବାକୁ ପିଲାମାନେ ଅଡ଼ି ବସିଥିଲେ। ଉପଜିଲାପାଳ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପଟେ ଏ ନେଇ ଛାତ୍ରୀଛାତ୍ରମାନେ ପ୍ରଶାସନକୁ ୨୪ ଘଣ୍ଟା ମହଲତ ଦେଇଛନ୍ତି। ଏହି ସମୟ ମଧ୍ୟରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଆରମ୍ଭ ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ୧୯୫୯ରେ ପ୍ରତିଷ୍ଠିତ ଢେଙ୍କାନାଳ କଲେଜକୁ ୨୦୦୨ ସ୍ୱୟଂଶାସିତ ମାନ୍ୟତା ମିଳିଥିଲା। ଯୁକ୍ତ ୩ ସ୍ନାତକରେ ଏବେ ୨୦୦୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏଠାରେ ବାଣିଜ୍ୟ, ଇତିହାସ, ଉଦ୍ଭିଦ ବିଜ୍ଞାନରେ ପିଜି ପାଠ୍ୟକ୍ରମ ରହିଛି। ପିପିପି ମୋଡ୍‌ରେ ଏମ୍‌ବିଏ ପାଠ୍ୟକ୍ରମ ମଧ୍ୟ ଚାଲିଛି। ହେଲେ କଲେଜରେ ୬୦ ମଞ୍ଜୁର ଅଧ୍ୟାପକ ପଦବୀ ରହିଥିବା ବେଳେ ବର୍ତ୍ତମାନ ଅଛନ୍ତି ମାତ୍ର ୨୬। ଅଧ୍ୟାପକ ଅଭାବ ଓ ସ୍ମାର୍ଟ କ୍ଲାସ ପରିଚାଳନା ନ ହେବା ଆଦି ସମସ୍ୟାକୁ ନେଇ ୟୁଜିସି ପକ୍ଷରୁ ସ୍ୱୟଂଶାସିତ ମାନ୍ୟତା ପ୍ରତ୍ୟାହାର କରିନେବାକୁ ଚିଠି ଆସିଛି। ଏ ସଂକ୍ରାନ୍ତରେ ଗତ ୨୭ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶିତ ହେବାପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

ଏ ସମ୍ପର୍କରେ ଅଧକ୍ଷା ଡ. ରଶ୍ମି ମିଶ୍ର କୁହନ୍ତି, ସମସ୍ୟା ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ସ୍ଥାନୀୟ ଜନ ପ୍ରତିନିଧି ଏବଂ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗକୁ ଅବଗତ କରାଇଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ ସମସ୍ତ ଘଟଣାକୁ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲାପାଳ କହିଛନ୍ତି।

■ଯୁବ ରେଡ୍‌କ୍ରସ୍ ଶିବିର ଉଦ୍‌ଯାପିତ

## 'ମାନବ ସେବା ଆମ ସଂସ୍କୃତିର ମୂଳମନ୍ତ୍ର'



ଶୋଭାଯାତ୍ରାରେ ଶିବିରାର୍ଥୀଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧।୧୧**

ମାନବ ସେବା ହିଁ ମାଧବ ସେବା। ଏହା ଆମ ସଂସ୍କୃତିର ମୂଳମନ୍ତ୍ର। ଏହି ମାନବିକତା ବାର୍ତ୍ତାର ଭିତ୍ତିଭୂମି ଉପରେ ଛିଡ଼ା ହୋଇଛି ରେଡ୍‌କ୍ରସ୍। ସେବା କରିବା ପାଇଁ ସମସ୍ତଙ୍କୁ ସୁଯୋଗ ମିଳିଥାଏ। ଏଥିରୁ ଯେଉଁ ଆତ୍ମତୃପ୍ତି ମିଳେ, ତାହା ଅନ୍ୟ କେଉଁଠି ମିଳିବା ଅସମ୍ଭବ ବୋଲି କହିଛନ୍ତି ଯୁବ ରେଡ୍‌କ୍ରସ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ। ଢେଙ୍କାନାଳ କଲେଜରେ ଆୟୋଜିତ ୩ଦିନିଆ ଯୁବ ରେଡ୍‌କ୍ରସ୍ ଶିବିରର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

କଲେଜ ଅଧକ୍ଷା ଡ. ରଶ୍ମି ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡ. ବିଷ୍ଣୁଚରଣ ଦାସ ମଞ୍ଚାସୀନ ଥିଲେ। ଡ. ପୂର୍ଣ୍ଣଚନ୍ଦ୍ର ବରାଳ ସ୍ୱାଗତ ଭାଷଣ ଏବଂ ଡ. ଦେବାଶିଷ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ଅଦ୍ୱୈତ ସାହୁ ଧନ୍ୟବାଦ ଦେଇଥିଲେ।

ପ୍ରଥମ ଅଧିବେଶନରେ ସୁମିତ୍ରା ବେହେରା ଅଭିଭାଷଣ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ଅଗ୍ନିଶମ ବିଭାଗ ପକ୍ଷରୁ ଫାୟାର ଫାଇଟିଂ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା।

ଏଥିପୂର୍ବରୁ ପୂର୍ବାହ୍ନରେ ଆର୍ଟ ଅଫ୍ ଲିଭିଂ ପକ୍ଷରୁ ଶିବିରାର୍ଥୀଙ୍କୁ ଯୋଗଶିକ୍ଷା ଦିଆଯାଇଥିଲା। ପରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଭୂପେଶ ଚନ୍ଦ୍ର ସାହୁ, ଆଦିତ୍ୟ ମେହେର, ତପନ ସେଠୀ, ସସ୍ମିତ ସାହୁ, ରାଧାକୃଷ୍ଣ ପୋଥାଳ, ଦିଲୀପ ଦାସ, ରମେଶ ବେହେରା, ସଞ୍ଜିତ ମହାପାତ୍ର, ଦେବରାଜ ପରିଡ଼ା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## 'କାର୍ଯ୍ୟକ୍ଷେତ୍ରରେ ସଚ୍ଚୋଟ ହୁଅ'


କର୍ମଚାରୀମାନେ ଶପଥ ପାଠ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧।୧୧**

ଢେଙ୍କାନାଳ ସିଭିଲ କୋର୍ଟ ଏବଂ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଗୁରୁବାର ଭିଜିଲାନ୍ସ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ଜିଲା ଦୌରାଜଜ୍ ମଳୟ ରଞ୍ଜନ ଦାଶ ଅଧକ୍ଷତା କରିଥିଲେ। କର୍ମକ୍ଷେତ୍ରରେ ସଚ୍ଚୋଟ, ନିଷ୍ଠାପର ଏବଂ ସମର୍ପଣ ମନୋଭାବ ନେଇ କାର୍ଯ୍ୟ କଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ। ଏଥିପ୍ରତି ଯତ୍ନଶୀଳ ହେବାକୁ ସେ ବିଭାଗୀୟ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆଇନସେବା ପ୍ରାଧିକରଣ ଏବଂ ସିଭିଲକୋର୍ଟର ସମସ୍ତ କର୍ମଚାରୀଙ୍କୁ କାର୍ଯ୍ୟ ସମ୍ପାଦନ ସମୟରେ ସାଧୁତା ବଜାୟ ରଖିବାକୁ ଜିଲା ଦୌରାଜଜ୍ ଶପଥପାଠ କରାଇଥିଲେ।

ଅତିରିକ୍ତ ଜିଲାଜଜ୍ ତଥା ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ପ୍ରତିମା ପଣ୍ଡା, ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୁକ୍ତିରଞ୍ଜନ ଶତପଥୀ, ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ, ବିଚାରପତି ଦୀପ୍ତିରଞ୍ଜନ କାନୁନ୍‌ଗୋ, ଅଲ୍ପନା ସ୍ୱାଇଁ, ସୁଜାତା ପ୍ରିୟମ୍ବଦା ସ୍ୱାଇଁ, ଗୀତାଞ୍ଜଳି ନନ୍ଦ, ଅଭିଜିତ ପୁରୋହିତ, ସୁଶାନ୍ତ ନାୟକ, ମୈତ୍ରୀ ସାମନ୍ତରାୟ, ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ନିଶା ଅଗ୍ରୱାଲ, ରେଜିଷ୍ଟ୍ରାର ସଞ୍ଜିତ ବେହେରା, କୋର୍ଟ ମ୍ୟାନେଜର ନିତ୍ୟାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଗାନ୍ଧୀ ସଂକଳ୍ପ ପଦଯାତ୍ରା

**ଢେଙ୍କାନାଳ ଅଫିସ, ୧।୧୧**

ଢେଙ୍କାନାଳ ଜିଲା ଗଁଦିଆ ଏବଂ ପୋରୁହଖୋଜରେ ଶୁକ୍ରବାର ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି ଯୋଗଦେଇ କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ରାଜ୍ୟ ସରକାରଙ୍କ ଯୋଜନା ଭାଷଣରେ ସୀମିତ। ହରିଦାସପୁର ସ୍ମିତାରାଣୀ ହତ୍ୟାକାଣ୍ଡରୁ ରାଜ୍ୟ ସରକାରଙ୍କ ଅହିଂସା ନୀତି ଏବଂ ପ୍ରୀତି ପ୍ରମାଣିତ ହେଉଛି ବୋଲି ସେ ସମାଲୋଚନା କରିଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ନରେଶ ଚନ୍ଦ୍ର ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଲେଙ୍କା, ଉପସଭାପତି ରତିକାନ୍ତ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇଥିଲେ।

■ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର

## ସୃଷ୍ଟି ହୋଇଛି ୨.୪୦ ଲକ୍ଷ ଶ୍ରମ ଦିବସ



**କାମାକ୍ଷାନଗର, ୧।୧୧(ଡି.ଏନ.ଏ.)**

କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହରେ ଶୁକ୍ରବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିକାଶ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା ଉପସ୍ଥିତ ରହି ବିଭିନ୍ନ ଅଭିଯୋଗର ଶୁଣାଣି କରିବା ସହ ଏହାର ତ୍ୱରିତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ସେପ୍ଟେମ୍ବର ଶେଷ ସୁଦ୍ଧା ପାଖାପାଖି ୭ କୋଟି ୨୪ ଲକ୍ଷ ଟଙ୍କାର କାମ ହୋଇଛି। ମୋଟ ୨ ଲକ୍ଷ ୪୦ ହଜାର ଶ୍ରମ ଦିବସ ସୃଷ୍ଟି ହୋଇଛି। ମଜୁରି ବାବଦକୁ ଶ୍ରମିକଙ୍କୁ ୪ କୋଟି ୪୦ ଲକ୍ଷ ୩୨ ହଜାର ଟଙ୍କା ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା।

ଜିଲା ସାମାଜିକ ସମୀକ୍ଷକ ସରୋଜ ଗଡ଼ନାୟକ ବିବରଣୀ ପାଠ କରିଥିଲେ। ଜନପ୍ରତିନିଧିମାନେ ସଚେତନ ହୋଇ ଅଭିଯୋଗଗୁଡ଼ିକୁ ଉପସ୍ଥାପନା କରିବାକୁ ପରାମର୍ଶ ଦିଆଯାଇଥିଲା। ଯନ୍ତ୍ରୀ ପ୍ରଫୁଲ୍ଲ ମହାରଣା, ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ପ୍ରିୟଙ୍କା ରାଉତଙ୍କ ସମେତ ବ୍ଲକର ଯନ୍ତ୍ରୀ, କର୍ମଚାରୀ, ବିଭିନ୍ନ ପଞ୍ଚାୟତର ପିଇଓ ଉପସ୍ଥିତ ଥିଲେ। ଏବିଡିଓ ସୁରେଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ବକ୍ତୃତା: ମୁକ୍ତିକାନ୍ତ ଦ୍ୱିତୀୟ

**ଢେଙ୍କାନାଳ ଅଫିସ, ୧।୧୧**




ଭିଜିଲାନ୍ସ ସପ୍ତାହ ପାଳନ ଅବସରରେ ରାଜ୍ୟ ଭିଜିଲାନ୍ସ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ଢେଙ୍କାନାଳର ମୁକ୍ତିକାନ୍ତ ଦାଶ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବିତରଣ ସମାରୋହରେ ମୁଖ୍ୟଅତିଥି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଅର୍ଥରାଶି ଏବଂ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଏଥିପୂର୍ବରୁ ସେ ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ହୋଇଥିଲେ। ଢେଙ୍କାନାଳ ଦେଉଳସାହିରେ ରହୁଥିବା ସହକାରୀ ପ୍ରଫେସର ଡ. ଚିତ୍ତରଞ୍ଜନ ଦାଶ ଏବଂ ଅଧ୍ୟାପିକା ଦୀପ୍ତିବାଳା ମିଶ୍ରଙ୍କ ଏକମାତ୍ର ପୁଅ ହେଉଛନ୍ତି ମୁକ୍ତିକାନ୍ତ। ସେ ଏବେ ସ୍ଥାନୀୟ ଦିଲ୍ଲୀ ପବ୍ଲିକ ସ୍କୁଲରେ ଏକାଦଶ ଶ୍ରେଣୀରେ ପଢୁଛନ୍ତି। ଉଭୟ ଇଂଲିଶ ଏବଂ ଓଡ଼ିଆ ଭାଷାରେ ତାଙ୍କର ଦକ୍ଷତା ରହିଛି। ଭବିଷ୍ୟତରେ ଜଣେ ବୈଜ୍ଞାନିକ ଏବଂ ଭଲ ଅଭିନେତା ହେବା ତାଙ୍କର ଲକ୍ଷ୍ୟ ବୋଲି ମୁକ୍ତିକାନ୍ତ ନିଜ ପ୍ରତିକ୍ରିୟାରେ କହିଛନ୍ତି।

■ଆଦର୍ଶ ସହରର ଉପେକ୍ଷିତ ୩ନଂ. ୱାର୍ଡ

# ନର୍ଦ୍ଦମା ପାଣି ରାସ୍ତାରେ

**ଢେଙ୍କାନାଳ ଅଫିସ, ୧।୧୧**



ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଢେଙ୍କାନାଳକୁ ମିଳିଛି ଆଦର୍ଶ ସହରର ମାନ୍ୟତା। ଲକ୍ଷ୍ମୀପୂଜା ଅବସରରେ ଆୟୋଜିତ ଜାତୀୟସ୍ତରୀୟ ସରସମେଳା ଉଦ୍‌ଯାପନୀ ସମାରୋହରେ ସ୍ୱଚ୍ଛତା ରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ ହୋଇଛି ପୌରସଂସ୍ଥା। ହେଲେ ୩ନଂ. ୱାର୍ଡ ଫିଶେରୀ ଟ୍ୟାଙ୍କ ଗଳିରୁ ଆଦର୍ଶ ସହରର ବାସ୍ତବ ଚିତ୍ର ପଦାରେ ପଡ଼ିଛି। ଫଳରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କେବଳ କାଗଜ କଲମରେ ସୀମିତ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ଅଞ୍ଚଳର ଡ୍ରେନ୍ ଆବର୍ଜନାରେ ଭର୍ତ୍ତି ହୋଇଛି। ପଚା ପାଣି ରାସ୍ତାରେ ପ୍ରବାହିତ ହେଉଥିବାରୁ ଦୁର୍ଗନ୍ଧରେ ନାକ ଫାଟୁଛି। ଏହାର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଛି। ଅଞ୍ଚଳବାସୀ ରାସ୍ତାରେ ଚଳପ୍ରଚଳ କରିବାରେ ସମସ୍ୟା ଭୋଗୁଛନ୍ତି। ଲକ୍ଷ୍ମୀପୂଜା ଉତ୍ସବ ପୂର୍ବରୁ ଅଗଷ୍ଟ ୧୯ରେ ଅଞ୍ଚଳବାସୀ ଲିଖିତ ଭାବେ ପୌରସଂସ୍ଥା କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ତଥାପି ଏହି ୱାର୍ଡ ଉପେକ୍ଷିତ ହୋଇ ରହିଛି। ବର୍ଷା ଛାଡ଼ିଲେ, ପୂଜା ସରିଲେ କାମ ହେବ କହି ପୌରସଂସ୍ଥା କର୍ତ୍ତୃପକ୍ଷ ଦିନ ଗଡ଼ାଇ ଚାଲିଛନ୍ତି। ଅଞ୍ଚଳବାସୀ ନିର୍ଦ୍ଧାରିତ ସମୟରେ ହୋଲଡିଂ ଟ୍ୟାକ୍ସ ପୈଠ କରୁଛନ୍ତି। ତଥାପି କାହିଁକି ସେମାନଙ୍କୁ ଉପେକ୍ଷିତ କରାଯାଉଛି ବୋଲି ଲୋକମାନେ ପ୍ରଶ୍ନ କରିଛନ୍ତି। ସମସ୍ୟା ସମାଧାନ ନ ହେଲେ ପୁଞ୍ଜିଭୂତ ଅସନ୍ତୋଷ ଜନଆନ୍ଦୋଳନରେ ପରିଣତ ହେବ। ଏଥିପାଇଁ ପୌର କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ୱାର୍ଡବାସୀ କହିଛନ୍ତି।

ଏ ନେଇ ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଯନ୍ତ୍ରୀ ରଶ୍ମିତା ମିଶ୍ର କୁହନ୍ତି, ଶୁକ୍ରବାର ସକାଳେ ଅଞ୍ଚଳ ପରିଦର୍ଶନ କରିଛୁ। ଶନିବାର ସୁଦ୍ଧା ନାଳ ସଫେଇ ସହ ଆବର୍ଜନା ଉଠାଯିବା ବ୍ୟବସ୍ଥା କରାଯିବ। ଖୁବ୍‌ଶୀଘ୍ର ଡ୍ରେନ୍ ନିର୍ମାଣ କରାଯିବ।



## ୬୮ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ବାର୍ତ୍ତା

No.DSPL-138 :- ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଆବହମାନ କାଳରୁ କୃଷି ସହିତ ଗୋ-ସମ୍ପଦର ସହାବସ୍ଥାନ ରହିଆସିଛି। କୃଷିଜୀବିଙ୍କ ଆୟବୃଦ୍ଧି ଓ ଜୀବିକାନିର୍ବାହରେ ଗୋ-ପାଳନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଗୋ-ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମ ଖାଦ୍ୟ, ଉପଯୁକ୍ତ ଲାଳନପାଳନ, ଉଚିତ ସମୟରେ ପ୍ରଜନନ ଓ ରୋଗ ନିରାକରଣର ବ୍ୟବସ୍ଥା କଲେ ଗୋ-ସମ୍ପଦର ବିକାଶ ସାଧିତ ହୋଇପାରିବ ଏବଂ କୃଷକମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଘଟିବ। ଆମ ରାଜ୍ୟରେ ୬୮ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଅକ୍ଟୋବର ୨୯ତାରିଖଠାରୁ ନଭେମ୍ବର ୪ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି। ଏହା ଗିରିଗୋବର୍ଦ୍ଧନ ପୂଜାଠାରୁ ଗୋପାଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ସାତ ଦିନ ବ୍ୟାପି ପାଳିତ ହେବ। ଏହି ଅବସରରେ ପ୍ରତି ଜିଲ୍ଲାରେ ଗୋ-ଚିକିତ୍ସା ଶିବିର, ଗୋ-ବତ୍ସା ପ୍ରଦର୍ଶନୀ, ଗୋ-ସମ୍ବର୍ଦ୍ଧନା ସମାବେଶ, କୃଷକ ସଚେତନତା ଶିବିର ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବା ସାଙ୍ଗକୁ ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ ଜଗତ୍‌ସିଂହପୁରଠାରେ ନଭେମ୍ବର ୪ ତାରିଖରେ ଆୟୋଜିତ ହେବ। ଏ ସବୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସରକାରୀ ସୁବିଧାସୁଯୋଗର ସୁବିନିଯୋଗ କରିବାକୁ ରାଜ୍ୟର ସମସ୍ତ ଗୋ-ପାଳକ ଭାଇଭଉଣୀମାନଙ୍କୁ ଅନୁରୋଧ।

ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ଭାଇଭଉଣୀ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରି ଗୋ-ସମ୍ପଦର ସମୃଦ୍ଧି ଆଶା କରୁଛି।

ସ୍ୱା./- ଡ଼. ଅରୁଣ କୁମାର ସାହୁ
ମନ୍ତ୍ରୀ
କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ
ପ୍ରାଣୀସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା, ଓଡ଼ିଶା

06014/13/0009/1920

## ସଂକ୍ଷେପରେ

### ଆରମ୍ଭ ହେଲା ଡିଜିଟାଲ ପଞ୍ଜୀକରଣ

ଅନୁଗୋଳ ଅଫିସ, ୧।୧୧- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାରଠାରୁ ଡିଜିଟାଲ ପଞ୍ଜୀକରଣ ଟିକେଟ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ଦୁଇ ଦିନରେ ପାଖାପାଖି ୧୮ ଶହ ରୋଗୀଙ୍କ ନାମ କମ୍ପ୍ୟୁଟରରେ ପଞ୍ଜୀକୃତ ହୋଇଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି। ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟର ଜରୁରିକାଳୀନ ବିଭାଗରେ ଦୁଇଟି ଟିକେଟ୍ କାଉଣ୍ଟର ଏବଂ ୬ ମହଲାରେ ଏକ କମ୍ପ୍ୟୁଟର ଟିକେଟ୍ କାଉଣ୍ଟର ଖୋଲାଯାଇ ନାମ ପଞ୍ଜୀକରଣ କରାଯାଉଛି। ଏଥିସହ ଆଉ ଏକ କମ୍ପ୍ୟୁଟର ପରେ ଲାଗିବ ବୋଲି ସୂଚନା ମିଳିଛି। ନଭେମ୍ବର ୧ରୁ ଆରମ୍ଭ ହେବାକୁ ଥିବା ଏହି ସେବାକୁ ଗୋଟିଏ ଦିନ ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆରମ୍ଭ କରାଯାଇଛି। ସୂଚନାଯୋଗ୍ୟ, ୫-ଟି ସଚିବ ଗତ ୨୯ ତାରିଖରେ ଆସି କମ୍ପ୍ୟୁଟର ଦ୍ୱାରା ନାମ ପଞ୍ଜୀକରଣ କରିବାକୁ ଜିଲାପାଳ ଓ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରଦିନ ଜିଲାପାଳ ତୁରନ୍ତ ୪ଟି କମ୍ପ୍ୟୁଟର ମେଡିକାଲ ମ୍ୟାନେଜରଙ୍କୁ ପ୍ରଦାନ କରିଥିବାବେଳେ ଅପରାହ୍ନରେ ମେଡିକାଲ ଆସି ସ୍ଥିତି ପରଖିଥିଲେ।

■ବଳରାମ କୋଇଲା ଖଣି ଚାଲୁ ନ ହେବାର ପ୍ରତିବାଦ

# ଜିଲାପାଳ, ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ




**ଅନୁଗୋଳ ଅଫିସ, ୧।୧୧**

୨୫ ଦିନ ହେବ ତାଳଚେରଠାରେ ଥିବା ଏମ୍‌ସିଏଲ୍‌ର ବଳରାମ କୋଇଲା ଖଣି ବନ୍ଦ ରହିଛି। ଡଅଁରା ଗ୍ରାମର କେତେଜଣ ଟ୍ରକ୍ ମାଲିକ ଜବରଦସ୍ତ ଉକ୍ତ ଖଣିକୁ ବନ୍ଦ ରଖିଥିଲେ ବି ପ୍ରଶାସନ ଓ ଏମ୍‌ସିଏଲ୍ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବା ସୋଲଡ଼ା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମସ୍ୟା ସମାଧାନ ଦାବିରେ ସେମାନେ ୨୮ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିଥିଲେ ମଧ୍ୟ ପ୍ରଶାସନ ସମୟ ଗଡ଼ାଇ ଚାଲିଛି। ଏହାର ପ୍ରତିବାଦରେ ଶୁକ୍ରବାର ସୋଲଡ଼ା ଗ୍ରାମ ସଭାପତି ଓ କଳାପାଟ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଶତାଧିକ ଲୋକ ଜିଲାପାଳ ଓ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଖଣି ଚାଲୁ ନ ହେଲେ ୪ ତାରିଖରୁ କୋଇଲା ବୋଝେଇ ଟ୍ରକର ଚକା ଜାମ୍ ଆନ୍ଦୋଳନ କରିବା ସହ ଆଗାମୀ ଦିନରେ ବିଧାନସଭା ଘେରାଉ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ସୋଲଡ଼ା, ଖୁରିଙ୍ଗା, ସତ୍ୟବାଦୀପୁର, ନାଥଗାଁ ଓ ତେଲିପୁର ଗ୍ରାମର ଶତାଧିକ ଲୋକ ଅନୁଗୋଳ ଷ୍ଟାଡିୟମରୁ ଏକ ଶୋଭଯାତ୍ରାରେ ବାହାରି ବଜାର ପରିକ୍ରମା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ଜିଲାପାଳଙ୍କୁ ଦାବିପତ୍ର ଦେବା ପରେ ବ୍ଲକ ଛକ, ଥାନା ଛକ ଦେଇ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଶାସନ ଦୁଇ ଦିନ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ କହିଥିଲେ ହେଁ ୪ ଦିନ ଗଡ଼ିଗଲାଣି। ସମାଧାନର କୌଣସି ରାସ୍ତା ବାହାର କରାଯାଉନାହିଁ। ତେଣୁ ଆସନ୍ତା ୪ ତାରିଖରେ ସୋଲଡ଼ା ସହ ଅନ୍ୟ ଗ୍ରାମବାସୀ ସକାଳ ୬ଟାରୁ ସୋଲଡ଼ା ଦେଇ ଯାଇଥିବା ପରିବହନ ରାସ୍ତା (ହିଙ୍ଗୁଳା-ବଳରାମ)ରେ ଧାରଣା ଦେବେ ବୋଲି ସୋଲଡ଼ା ଗ୍ରାମର ସଭାପତି ଫିରୋଜ କୁମାର ପ୍ରଧାନ ଚେତାବନୀ ଦେଇଛନ୍ତି। କଳାପାଟ ଟ୍ରକ୍ ମାଲିକ ସଂଘ ଉପସଭାପତି ଗଦାଧର ସାହୁ କହିଛନ୍ତି, ସମସ୍ୟା ନେଇ ଜିଲାପାଳ ନୀରବ ରହିବାରୁ ସମସ୍ୟା ବଢ଼ୁଛି। ତେଣୁ ତାଙ୍କ ଉପରୁ ଭରସା ତୁଟିଛି। ଏସ୍‌ପି ଏହି ଖଣି ଚାଲୁ କରିବାକୁ କହିଛନ୍ତି। ଆସନ୍ତା ଦୁଇ ଦିନ ମଧ୍ୟରେ ଖଣି ଚାଲୁ ନ ହେଲେ ତାଳଚେରରେ କୋଇଲା ପରିବହନ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ବିଧାସଭା ସମ୍ମୁଖରେ ଆତ୍ମାହୁତି ଦେବାକୁ ବାଧ୍ୟ ହେବୁ ବୋଲି ସାହୁ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ରହିଛି। ପଦକ୍ଷେପ ନିଆଯିବ।

# ୫ ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ



**ତାଳଚେର,୧।୧୧(ନି.ପ୍ର.)**

ତାଳଚେର ବ୍ଲକ ଡଅଁରା ଗ୍ରାମରେ ଥିବା ମା’ କଳାପାଟ ଶ୍ରମିକ ସଂଘ ପକ୍ଷରୁ ଶୁକ୍ରବାର ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଶହ ଶହ ଶ୍ରମିକ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଉପଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ବିଭିନ୍ନ ସ୍ଲୋଗାନ ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉପଦେଷ୍ଟା ସୁଶାନ୍ତ କୁମାର ବିଶ୍ୱାଳ, ସଭାପତି ଘନଶ୍ୟାମ ପ୍ରଧାନ, ପ୍ରକାଶ ସାହୁ, ମନୋଜ ମହାନ୍ତି, ସନ୍ତୋଷ ମହାନ୍ତି, ଦୀପକ ବିଶ୍ୱାଳ, ପ୍ରତାପ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସହକାରୀ ଜିଲାପାଳ ଗୌରୀ ନାଏକଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ବଳରାମ କୋଇଲା ଖଣିର ସମସ୍ତ କୋଇଲାକୁ ଓଜନକଣ୍ଟାରେ ସମାନ ଭାଗ କରି ଦିଆଯିବା, କଣ୍ଟା ଖରାପ ହେଲେ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା, ଖାଲି ଗାଡି ଓଜନ ପରେ ୨ ଏବଂ ୩ ନମ୍ବର ଷ୍ଟକରେ ଲୋଡିଙ୍ଗ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର କୋଇଲା ଗଚ୍ଛିତ ରଖାଯିବା, ସମସ୍ତ କଣ୍ଟା ପାଖରେ ପିଇବା ପାଣି ବ୍ୟବସ୍ଥା କରାଯିବା ଦାବି ଅନ୍ତର୍ଭୁକ୍ତ। ତୁରନ୍ତ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଓ ପ୍ରଶାସନ ଏହାର ସମାଧାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

■ସନ୍ତରାପୁର(କ) ସରପଞ୍ଚ ଉପନିର୍ବାଚନ

# ନାମାଙ୍କନ ଦାଖଲ କଲେ ୩ ପ୍ରାର୍ଥୀ

**ବଅଁରପାଳ, ୧।୧୧(ଡି.ଏନ.ଏ.)**

ବଅଁରପାଳ ବ୍ଲକ ସନ୍ତରାପୁର (କ) ପଞ୍ଚାୟତରେ ଆସନ୍ତା ୨୭ ତାରିଖରେ ସରପଞ୍ଚ ପଦବୀ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଛି। ଗୁରୁବାର ପ୍ରଥମ ଦିନରେ କୌଣସି ପ୍ରାର୍ଥିପତ୍ର ଦାଖଲ ହୋଇ ନ ଥିବାବେଳେ ଶୁକ୍ରବାର ୩ ଜଣ ବ୍ଲକ କାର୍ଯ୍ୟାଳୟରେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ରେଣୁକା ପ୍ରଧାନ, ବିନୋଦିନୀ ପ୍ରଧାନ ଏବଂ ସଙ୍ଗୀତାରାଣୀ ସାହୁ। ଶନିବାର ନାମାଙ୍କନ ଦାଖଲର ଶେଷଦିନ ଥିବାବେଳେ ୪ ତାରିଖରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ଗତବର୍ଷ ସରପଞ୍ଚ ବନିତା ଦେହୁରୀଙ୍କ ମୃତ୍ୟୁ ପରେ ଏହି ପଦବୀ ଖାଲି ପଡିଥିଲା।



ମହିଳାମାନେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

■ଜିଲାସ୍ତରୀୟ ଯୁବ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

# କୃତୀ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ ହେବେ

**ଅନୁଗୋଳ ଅଫିସ, ୧।୧୧**

ଯୁବ ଗୋଷ୍ଠୀ ମଧ୍ୟରେ ଥିବା ବିଭିନ୍ନ କଳା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ଜିଲାସ୍ତରୀୟ ଯୁବ ଉତ୍ସବ ଚଳିତ ମାସ ୧୩ ଓ ୧୪ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ଏହି ଉତ୍ସବକୁ ସଫଳତାର ସହ ଆୟୋଜନ କରିବା ପାଇଁ ଶୁକ୍ରବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରରୁ କିପରି ଯୁବ ପ୍ରତିଯୋଗୀମାନେ ଅଧିକ ସଂଖ୍ୟାରେ ଯୋଗ ଦେଇପାରିବେ ସେଥିପାଇଁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ବିଶେଷ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଚଳିତ ମାସ ୧୩ ତାରିଖରେ ସଭାଘର ପରିସରରେ ୧୫ରୁ ୩୫ ବର୍ଷ ଯୁବ ପ୍ରତିଯୋଗୀଙ୍କ ମଧ୍ୟରେ ଗୀଟାର, ବଂଶୀ, ତାବଲା, ହାରମୋନିଅମ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଓ ବକ୍ତୃତା (ହିନ୍ଦୀ ଓ ଇଂଲିଶ) ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୪ ତାରିଖରେ ଦଳଗତ ଲୋକନୃତ୍ୟ, ଲୋକ ସଙ୍ଗୀତ, ଓଡ଼ିଶୀ ନୃତ୍ୟ ଓ ଏକକ ଅଭିନୟ ପ୍ରତିଯୋଗିତା କରାଯିବ। ଏଥିରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯିବ। ଏହି ଅବସରରେ ୧୪ ତାରିଖରେ ଏକ ସାଂସ୍କୃତିକ ଶୋଭାଯାତ୍ରା କରାଯିବ। ପ୍ରତିଯୋଗୀମାନେ ନିଜ ସାଥିରେ ସେମାନଙ୍କ ଜନ୍ମ ତାରିଖ ପ୍ରମାଣପତ୍ର ଓ ଆଧାର କାର୍ଡ ଆଣିବାକୁ ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି। ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ସମଗ୍ର ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ ଓ ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଶିବ ପ୍ରସାଦ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ଥିଲେ।

■୧୦ ଦଫା ଦାବିରେ ଠିକାଦାରଙ୍କ ପ୍ରତିବାଦ ସଭା

# ଦାବି ପୂରଣ ନ ହେବା ଯାଏ କାର୍ଯ୍ୟବନ୍ଦ

**ଅନୁଗୋଳ ଅଫିସ, ୧।୧୧**



ଅନୁଗୋଳ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରେ ଠିକାଦାର ସଂଘ ପକ୍ଷରୁ ୧୦ ଦଫା ଦାବି ନେଇ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ସରକାରଙ୍କ ଓଡ଼ିଆ ଠିକାଦାର ବିରୋଧୀ ବିଭିନ୍ନ ନିୟମକାନୁନ, ନକରାତ୍ମକ ମନୋଭାବ ଓ ନିଷ୍ପତ୍ତି ବିରୋଧରେ ଏହି ଆନ୍ଦୋଳନ କରାଯାଇଥିବା ସଂଘ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ ସୂଚନା ଦେଇଛନ୍ତି।

ସଂଘ ପକ୍ଷରୁ କୁହାଯାଇଛି ଯେ, ସରକାରଙ୍କ ଓଡ଼ିଆ ଠିକାଦାର ବିରୋଧୀ ନୀତି ନିୟମ ଫଳରେ ସମସ୍ତ ଠିକାଦାର ଆଗକୁ କୌଣସି ସରକାରୀ ନିର୍ମାଣ କାର୍ଯ୍ୟ କରିବା ଅବସ୍ଥାରେ ନାହାନ୍ତି। ଠିକାଦାରମାନେ ସେମାନଙ୍କ ବୃହତର ସ୍ୱାର୍ଥ ରକ୍ଷା ଦୃଷ୍ଟିରୁ ଶୁକ୍ରବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମସ୍ତ ସରକାରୀ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବେ। ଓଡ଼ିଶା ସରକାର ଯେ ପର୍ଯ୍ୟନ୍ତ ଠିକାଦାର ବିରୋଧୀ ନିୟମକାନୁନ ପରିବର୍ତ୍ତନ କରିନାହାନ୍ତି ସେ ଯାଏ ଆନ୍ଦୋଳନ ଜାରି ରହିବ। ଏପରି କି କାର୍ଯ୍ୟବନ୍ଦ ନିର୍ଦ୍ଦେଶକୁ ଅବମାନନା କରି କେହି ନିର୍ମାଣ କାର୍ଯ୍ୟ ଚାଲୁ କଲେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ସରକାରଙ୍କୁ ଅବଗତ କରାଯାଇଥିବା ଭଞ୍ଜ କହିଛନ୍ତି। ୨୦୧୪ର ସ୍ଥିରୀକୃତ ସିଡ୍ୟୁଲ ରେଟର ୨୦୧୯ ମୂଲ୍ୟ ଭିତ୍ତିରେ ପୁନଃ ଆକଳନ କରିବା ସହ ଭାରତ ସରକାରଙ୍କ ଷ୍ଟାଣ୍ଡାର୍ଡ ଡାଟା ବୁକ୍‌ର ତୁରନ୍ତ ପ୍ରଚଳନ କରିବାକୁ ଦାବି କରାଯାଇଛି। ଭାରତ ସରକାରଙ୍କ ଟେଣ୍ଡର ନିୟମାବଳୀର ତୁରନ୍ତ ପ୍ରଚଳନ କରିବା, ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ୧୪.୯୯ର ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବାକୁ ଦାବି ହୋଇଛି। ଏଥିସହ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବର୍ଦ୍ଧିତ ପ୍ରାପ୍ୟ ପ୍ରଦାନ, ଜିଏସ୍‌ଟି ପାଇଁ ୧୦ ପ୍ରତିଶତ ଅଧିକ ପ୍ରାପ୍ୟ ଦିଆଯିବା, କୌଣସି ବାହ୍ୟ ସର୍ତ୍ତ ବ୍ୟତୀତ କେବଳ ଲାଇସେନ୍ସ କ୍ଷମତା ଅନୁଯାୟୀ କାର୍ଯ୍ୟାଦେଶ ପ୍ରଦାନ, ପୂର୍ବ ବ୍ୟବସ୍ଥା ଅନୁଯାୟୀ ବିଭିନ୍ନ ସଞ୍ଚୟ ପତ୍ର ମାଧ୍ୟମରେ ସିକ୍ୟୁରିଟି ପ୍ରଦାନ, ବ୍ୟବସ୍ଥା ନ ଥାଇ ନିର୍ମାଣ ସାମଗ୍ରୀ ପରିବହନ ସମୟରେ ଅନୁମତିପତ୍ର ସହ ରୟାଲଟି ରସିଦ ଦାଖଲ ନିର୍ଦ୍ଦେଶର ତୁରନ୍ତ ପ୍ରତ୍ୟାହାର କରାଯିବାକୁ ଦାବି କରାଯାଇଛି। ଅନୁଗୋଳ ଠିକାଦାର ସଂଘ ପକ୍ଷରୁ ସମ୍ପାଦକ ପଦ୍ମଚରଣ ସାହୁ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଦାଶ, ଉପସଭାପତି ସୁଜିତ କୁମାର ସାମଲ, ମନୋଜ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ରାକେଶ ରଞ୍ଜନ ଦାଶ, ସୁଜିତ କୁମାର ପାତ୍ର, ପ୍ରକାଶ ଚନ୍ଦ୍ର ଦାଶ ପ୍ରମୁଖଙ୍କ ସହ ଅନ୍ୟ ଠିକାଦାରମାନେ ଉପସ୍ଥିତ ଥିଲେ।

# ଆଠମଲ୍ଲିକ ବ୍ଲକ ସମ୍ମୁଖରେ ବିକ୍ଷୋଭ

**ଆଠମଲ୍ଲିକ,୧।୧୧(ଡି.ଏନ.ଏ.)**




ରାସ୍ତା ନିର୍ମାଣ ଦାବିରେ ଶୁକ୍ରବାର ୩ଟି ଗ୍ରାମର ବାସିନ୍ଦା ଆଠମଲ୍ଲିକ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆଠମଲ୍ଲିକ ଗଣ କ୍ରିୟାନୁଷ୍ଠାନ କମିଟି ସଭାପତି ତପନ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ସ୍ଥାନୀୟ ମାହେଶ୍ୱରୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ବ୍ଲକ ସମ୍ମୁଖରେ ପହଞ୍ଚି ଥିଲେ। ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ଆନ୍ଦୋଳନକାରୀଙ୍କ ପକ୍ଷରୁ ଏକ ଦାବିପତ୍ର ବ୍ଲକ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା।

ଦାବିପତ୍ରରେ ଉଲ୍ଲେଖ ରହିଛି, ନଅଗାଁ ପଞ୍ଚାୟତର କୁତାର୍ଥପୁର, ହରିହରପୁର, ଅନ୍ତରସିଙ୍ଗା ଇତ୍ୟାଦି ଗ୍ରାମକୁ ସ୍ଥାୟୀ ରାସ୍ତା ନାହିଁ। ଫଳରେ ୧୦୮, ୧୦୨ ଆମ୍ବୁଲାନ୍ସ ଗାଡି ଆସିପାରୁ ନାହିଁ। ପ୍ରସୂତି ମହିଳା ଓ ଶିଶୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷାଦିନେ ଛାତ୍ରୀଛାତ୍ରମାନେ ସ୍କୁଲ ଯିବାରେ ବାଧା ସୃଷ୍ଟି ହେଉଛି। ଏ ନେଇ ବହୁବାର ପ୍ରଶାସନ, ପଞ୍ଚାୟତ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ତୁରନ୍ତ ସମସ୍ୟା ସମ୍ପର୍କରେ ବିଡିଓ ହସ୍ତକ୍ଷେପ କରି ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ କରିବାକୁ ଭଗବାନ ମୁଣ୍ଡା, ପ୍ରସନ୍ନ ମୁଣ୍ଡା, ଧନେଶ୍ୱର ରଣା, ପ୍ରମିଳା ମୁଣ୍ଡା, ମିନତି ଦେହୁରୀ, ମନୋଜ କୁମାର କର୍ମୀ, ଗିରିଶ ଚନ୍ଦ୍ର ଭୁକ୍ତା, ସୁଶାନ୍ତ ବେହେରା, ଉଗ୍ରସେନ ପ୍ରଧାନ, ପ୍ରଶାନ୍ତ କୁମାର ମୁଣ୍ଡା, ଅନିଲ କୁମାର ସାହୁ, ଅଜି ସେଠୀ ପ୍ରମୁଖ ଦାବି କରିଛନ୍ତି।

■ସୁଧୁରୁନି ବଉଳିଗଡ଼ ବିଦ୍ୟାଳୟ ସମସ୍ୟା

# ୮ ଶ୍ରେଣୀକୁ ୩ କୋଠରି

**ବଅଁରପାଳ, ୧।୧୧(ଡି.ଏନ.ଏ.)**

ବଅଁରପାଳ ବ୍ଲକ ବଉଳିଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ଦିନ ହେଲା ସମସ୍ୟା ଲାଗି ରହିଛି। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ପାଠପଢୁଥିବାବେଳେ ସ୍କୁଲରେ ଶିକ୍ଷାର ଗୁଣବତ୍ତା, ଭିତ୍ତିଭୂମି, ଶିକ୍ଷକ ନିଯୁକ୍ତି ଆଦି ଦିଗରେ ବିଭାଗ ଆଦୌ ଦୃଷ୍ଟି ଦେଉ ନ ଥିବା ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି। ଫଳରେ ଏଠାରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନେ ଉତ୍ତମ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ସ୍କୁଲରେ ଶିକ୍ଷକ ଏବଂ ଶ୍ରେଣୀ ଗୃହ ଅଭାବ ମୁଖ୍ୟ ସମସ୍ୟା ହୋଇଛି। ଏଠାରେ ୮ଟି ଶ୍ରେଣୀର ପିଲାଙ୍କ ପାଇଁ ମାତ୍ର ୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ସେହିପରି ବିଦ୍ୟାଳୟରେ ଶ୍ରେଣୀଗୃହ ଭାବେ ମାତ୍ର ୩ଟି କୋଠରି ରହିଛି। ଫଳରେ ଛାତ୍ରୀଛାତ୍ରମାନଙ୍କୁ ଏକାଠି ବସିବାକୁ ପଡୁଛି। ପ୍ରଥମରୁ ତୃତୀୟ ଶ୍ରେଣୀର ପିଲାମାନେ ଗୋଟିଏ କୋଠରିରେ ବସୁଥିବାବେଳେ ୪ର୍ଥ ଓ ୫ମ ଶ୍ରେଣୀର ପିଲାମାନେ ଗୋଟିଏ ଏବଂ ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଗୋଟିଏ କୋଠରିରେ ବସି ପାଠ ପଢୁଛନ୍ତି। ୧୯୬୫ରେ ସ୍ଥାପିତ ଏହି ବିଦ୍ୟାଳୟ ଚାରିପାଖରେ ପାଚେରିଟିଏ ମଧ୍ୟ ନିର୍ମାଣ କରାଯାଇପାରିନାହିଁ। ଫଳରେ ବିଦ୍ୟାଳୟ ମଧ୍ୟରେ ଗୋରୁ, କୁକୁର ପଶି ଗଛପତ୍ର ନଷ୍ଟ କରୁଛନ୍ତି। ତୁରନ୍ତ ଏହି ସବୁ ସମସ୍ୟା ପ୍ରତି ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯାଇ ପଦକ୍ଷେପ ନିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।



■ଭଡ଼ା ବୃଦ୍ଧି ନିଷ୍ପତ୍ତିର ପୁନର୍ବିଚାର ଦାବି

# ନିର୍ବାହୀ ଅଧିକାରୀଙ୍କ ଅଫିସ ସମ୍ମୁଖରେ ଧାରଣା

**ତାଳଚେର,୧।୧୧(ନି.ପ୍ର.)**

ଦୋକାନ ଘର ଭଡ଼ା ବୃଦ୍ଧି ନିଷ୍ପତ୍ତିର ପୁନର୍ବିଚାର ଦାବିରେ ତାଳଚେର ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ଅଫିସ ସମ୍ମୁଖରେ ଶୁକ୍ରବାର ବ୍ୟବସାୟୀମାନେ ଗଣଧାରଣା ଦେଇଥିଲେ। ଫଳରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ନିର୍ବାହୀ ଅଧିକାରୀ ଦୀର୍ଘ ସମୟ ଧରି ପଦାକୁ ବାହାରି ପାରି ନ ଥିଲେ।

ପ୍ରକାଶ ଯେ, ତାଳଚେର ପୌର ପରିଷଦ ପକ୍ଷରୁ ଆବଣ୍ଟିତ ହୋଇଥିବା ଦୋକାନ ଘର ଗୁଡ଼ିକର ଭଡା ବୃଦ୍ଧି କରାଯାଇଛି। ଏହାକୁ ନେଇ ବ୍ୟବସାୟୀମାନଙ୍କ ମଧ୍ୟରେ କିଛି ଦିନ ହେଲା ଅସନ୍ତୋଷ ଲାଗି ରହିଛି। ଗତ ୨୯ ତାରିଖରେ ଭଡ଼ା ବୃଦ୍ଧି ନିଷ୍ପତ୍ତିର ପୁନର୍ବିଚାର ଦାବି ନେଇ ତାଳଚେର ମ୍ୟୁନିସିପାଲିଟି କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ପୌର ପରିଷଦ ସମ୍ମୁଖରେ ସେମାନେ ଗଣଧାରଣା ଦେଇଥିଲେ। ଏହାପୂର୍ବରୁ ମଧ୍ୟ ବିଧାୟକ, ପୌର କର୍ତ୍ତୃପକ୍ଷ, ଉପଜିଲାପାଳ, ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ସୁଫଳ ନ ମିଳିବାରୁ ଶୁକ୍ରବାର ଅପରାହ୍ନରେ ସମସ୍ତ ବ୍ୟବସାୟୀ ପୌର ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିଲେ। ଖବରପାଇ ତାଳଚେର ଥାନା ପୋଲିସ ସେଠାରେ ପହଞ୍ଚି ଗିରଫ କରିବାକୁ ଧମକ ଦେଇଥିଲା। ହେଲେ ଏଥିରେ ବ୍ୟବସାୟୀମାନେ ଭୟଭୀତ ହୋଇ ନ ଥିଲେ। ସନ୍ଧ୍ୟାରେ ପୌର ପ୍ରଶାସକ ଏହାର ପୁନର୍ବିଚାର କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନରୁ ବ୍ୟବସାୟୀମାନେ ଓହରିଥିବା କ୍ରିୟାନୁଷ୍ଠାନ କମିଟି ସଭାପତି ବୀରମୋହନ ରାୟ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ଅତସି ପରିଡ଼ା କହିଛନ୍ତି, ବ୍ୟବସାୟୀଙ୍କ ଅନୁରୋଧ କ୍ରମେ ଦୁଇଥର ଭଡ଼ା କମ୍ କରାଯାଇଛି। କିନ୍ତୁ ସେମାନେ ସେଥିରେ ସନ୍ତୁଷ୍ଟ ନୁହନ୍ତି। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏ ସମ୍ପର୍କରେ ତ୍ରିପାକ୍ଷିକ ଆଲୋଚନା କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ସେମାନେ ରାଜି ନ ହୋଇ କେବଳ ଭଡା ବୃଦ୍ଧି ପ୍ରତ୍ୟାହାର ଦାବି କରୁଛନ୍ତି ବୋଲି ନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ଜିଲ୍ଲାପାଳଙ୍କ ନଭେମ୍ବର ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ, ୧।୧୧- ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ନଭେମ୍ବର ମାସ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ନଭେମ୍ବର ୪ ସୋମବାର ପୂର୍ବାହ୍ନ ୧୦ ଘଟିକାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ସେହିପରି ୧୧ ତାରିଖ ପୂର୍ବାହ୍ନ ୧୦ ଘଟିକାରେ ଜିଲା କାର୍ଯ୍ୟାଳୟ, ୧୮ ତାରିଖ ପୂର୍ବାହ୍ନ ୧୦ ଘଟିକାରେ ଛେଣ୍ଡିପଦା ବ୍ଲକ କାର୍ଯ୍ୟାଳୟ ଓ ୨୫ ତାରିଖ ପୂର୍ବାହ୍ନ ୧୦ ଘଟିକାରେ କଣିହାଁ ବ୍ଲକ କାର୍ଯ୍ୟାଳୟ ଠାରେ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ୪ ତାରିଖ ସୋମବାର ଅପରାହ୍ନ ୩ ଘଟିକାରେ ପାଲଲହଡ଼ା ବ୍ଲକ ବଡିସୂଆଁ ପଞ୍ଚାୟତ ଠାରେ କୃଷି ସମାଧାନ ଶିବିର ନିମନ୍ତେ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଅବଗତ କରାଯାଇଛି।

### ଜିଲା କାର୍ଯ୍ୟାଳୟ ସମ୍ମୁଖରେ ସୂଚନା ଶିବିର



ଅନୁଗୋଳ ଅଫିସ, ୧।୧୧- ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଏକ ସୂଚନା ଶିବିର ଅନୁଷ୍ଠିତ ହୋଇଥିଲା। ଅଭିଯାନର ଜିଲା ଆବାହକ ମନୋଜ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ୩୨ ଗୋଟି ଫର୍ମରେ ସୂଚନା ଆବେଦନ କରାଯାଇଥିଲା। ବିଶେଷକରି ମେଡିକାଲରେ ଗତ ୧୦ ବର୍ଷରେ କେତେ ଟଙ୍କା ଉନ୍ନୟନ ମୂଳକ କାର୍ଯ୍ୟରେ ଖର୍ଚ୍ଚ କରାଯାଇଛି, କେତେ ଟଙ୍କାର ଔଷଧ ଆସିଛି ଆଦି ଏପରି ଅନେକ ତଥ୍ୟ ସୂଚନା ଅଧିକାର କର୍ମୀମାନେ ମାଗିଛନ୍ତି। ଉକ୍ତ ଶିବିରରେ ଭରତ ଚନ୍ଦ୍ର ସାହୁ, ବେଣୁଧର ସାହୁ, କୈଳାସ ଚନ୍ଦ୍ର ମଲ୍ଲିକ, ମଳୟ ବିଶ୍ୱାଳ, ଦୁର୍ଯ୍ୟୋଧନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ବିଧବା ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧।୧୧(ଡି.ଏନ.ଏ.)-ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କନ୍ତପଡ଼ା ଗ୍ରାମର ଜାପାନୀ ନାୟକ ନାମ୍ନୀ ଜଣେ ବିଧବା ମହିଳାଙ୍କୁ ସେହି ଗ୍ରାମର ହେମନ୍ତ ପ୍ରଧାନ ଗୁରୁବାର ସନ୍ଧ୍ୟାରେ ମାଡ଼ ମାରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୧୫/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଜାପାନୀ ଘରେ ଏକୁଟିଆ ଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ଡିଜେଲ ଚୋରି, ସିକ୍ୟୁରିଟି ଗାର୍ଡ ଗିରଫ

ତାଳଚେର,୧।୧୧(ନି.ପ୍ର.)-ତାଳଚେର ପୋଲିସ ଡିଜେଲ ଚୋରି ଅଭିଯୋଗରେ ବାଲୁଙ୍ଗା ଗ୍ରାମର ବଂଶୀଧର ନାହାକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ବଂଶୀଧର ସିକ୍ୟୁରିଟି ଗାର୍ଡ ଭାବେ ଲିଙ୍ଗରାଜ ଖଣିରେ କାମ କରନ୍ତି। ସେ ଏକ ମେଶିନରୁ ୫୩୬ ଲିଟର ଡିଜେଲ ଚୋରି କରିଥିବା ନେଇ ଖଣି କର୍ତ୍ତୃପକ୍ଷ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୧୬/୧୯ରେ ଏକ ମାମଲା ରୁଜୁ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

### ବିଦେଶୀ ମଦ ଜବତ, ଜଣେ ଗିରଫ

ତାଳଚେର,୧।୧୧(ନି.ପ୍ର.)-ତାଳଚେର ପୋଲିସ ବାଇପାସସ୍ଥିତ ଏକ ଢାବା ଉପରେ ଚଢ଼ାଉ କରି ୨୯ ବୋତଲ ବିଦେଶୀ ମଦ ଜବତ କରିଛି। ଏଥିସହ ଢାବା ମାଲିକ ତାଳଚେର ବାଘୁଆବୋଲର ମେଘନାଦ ବିହାରୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ଏ ନେଇ ନଂ. ୩୨୧/୧୯ରେ ଏକ ମାମଲା ରୁଜୁ ହୋଇଛି।

## ଧୁମ୍‌ଧାମରେ ହେଲା କାଳୀପୂଜା ଭସାଣି

# ମନମୋହିଲା ଆଦିବାସୀ ନୃତ୍ୟ



ହେମସୁରପଡାରେ ମା'ଙ୍କ ଭସାଣିବେଳେ ଘଣ୍ଟବାଦ୍ୟ ପରିବେଷଣ କରାଯାଉଛି।

ଅନୁଗୋଳ ଅଫିସ, ୧।୧୧

ଅନୁଗୋଳ ସହରରେ କାଳୀପୂଜା ଶେଷ ହୋଇଛି। ଶୁକ୍ରବାର ଅପରାହ୍ନରେ ମା'ଙ୍କ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ବସ୍‌ଷ୍ଟାଣ୍ଡ, ହେମସୁରପଡ଼ା ଓ ଡେଲି ମାର୍କେଟରେ ହୋଇଥିବା ପୂଜା ମଣ୍ଡପରୁ ମେଢ଼ଗୁଡ଼ିକ ବାଜା ବାଣ ଫୁଟାଇ ଶୋଭାଯାତ୍ରାରେ ଅଣାଯାଇଥିଲା। ଏହି ସମୟରେ ଘଣ୍ଟ, ଘଣ୍ଟା, ପାରମ୍ପରିକ ବାଦ୍ୟ ଯନ୍ତ୍ର, ରାଜ୍ୟ ବାହାରୁ ଆସିଥିବା ବାଦ୍ୟ ସହ ବ୍ରାସ୍ ଓ ଡିଜେରେ ସହର ଦୁଲୁକି ଉଠିଥିଲା। ଡିଜେ ଗୀତର ତାଳେତାଳେ ଯୁବଗୋଷ୍ଠୀ ନୃତ୍ୟରେ ମଜି ଯାଇଥିଲେ। ସେହିପରି ଭସାଣି ଉତ୍ସବରେ ଆଦିବାସୀ ନୃତ୍ୟ ସାଙ୍ଗକୁ ପାରମ୍ପରିକ ନୃତ୍ୟ ଓ ବାଦ୍ୟଯନ୍ତ୍ର ଦେଖିବାକୁ ମିଳିଥିଲା। ତେବେ ଡିଆଇସି ଛକରେ ଏକ ବାଣ ଅଘଟଣକୁ ଛାଡ଼ିଦେଲେ ମୋଟାମୋଟି ଭାବେ ଶାନ୍ତି ଶୃଙ୍ଖଳାର ସହ ଭସାଣି ଶୋଭାଯାତ୍ରା ଶେଷ ହୋଇଥିଲା।



ଭସାଣିବେଳେ କଳାକାରମାନେ ବାଘ ନୃତ୍ୟ କରୁଛନ୍ତି।



ଆଦିବାସୀ ନୃତ୍ୟ ପରିବେଷଣ।

### ଜଳିଗଲା ବାଣ ଗାଡ଼ି

ଅନୁଗୋଳ ଅଫିସ, ୧।୧୧:

ଅନୁଗୋଳରେ କାଳୀପୂଜା ଭସାଣି ଶୋଭାଯାତ୍ରା ବେଳେ ଶୁକ୍ରବାର ଏକ ବାଣ ଗାଡ଼ି (ନଂ. ଓଡି ୧୯ଏଲ-୨୯୬୨)ରେ ନିଆଁ ଲାଗିଯାଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ପାଖାପାଖି ୫୦ ହଜାର ଟଙ୍କାର ବାଣ ପୋଡ଼ି ଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଡିଆଇସି ଛକ ଦେଇ ହେମସୁରପଡ଼ା ପୂଜା କମିଟିର ଭସାଣି ମେଢ ଆସୁଥିଲା। ତେବେ ବାଣ ଫୁଟା ସମୟରେ କୌଣସି କାରଣରୁ ଡାଲା ଅଟୋରେ ଥିବା ବାଣରେ ନିଆଁ ଲାଗି ଯାଇଥିଲା। ଅଗ୍ନିଶମ ବିଭାଗ ତୁରନ୍ତ ପହଞ୍ଚି ନିଆଁ ଲିଭାଇଦେବାରୁ ଅଧିକ କ୍ଷୟକ୍ଷତି ହୋଇ ନ ଥିଲା।




### ଲିଟିଲ ହାର୍ଟ୍ସରେ ଜାତୀୟ ଏକତା ଦିବସ

ଅନୁଗୋଳ ଅଫିସ, ୧।୧୧

ଅନୁଗୋଳ ଲିଟିଲ ହାର୍ଟ୍ସ ଟଡଲର୍ସ ଏକାଡେମୀ ପରିସରରେ ଜାତୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ଅଧ୍ୟକ୍ଷା ପ୍ରିୟଙ୍କା ଶୁକ୍ଲା ଛାତ୍ରୀଛାତ୍ରମାନଙ୍କୁ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୀବନୀ, ତ୍ୟାଗ, ସ୍ୱାଧୀନତା ପରେ ସବୁ ଗଡ଼ଜାତ ରାଜ୍ୟକୁ ଏକାଠି କରି ଏକ ବୃହତ୍ ଭାରତ ବର୍ଷ ଗଠନରେ ତାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହାପରେ ଶତାଧିକ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ସ୍କୁଲରୁ ବାହାରି ଅନୁଗୋଳ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ସ୍କୁଲ ପରିଚାଳନା ନିର୍ଦ୍ଦେଶକ ହେମନ୍ତ ଗୋହିଲଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

### ସର୍ଦ୍ଦାର ପଟେଲଙ୍କ ଜୀବନୀ ଉପରେ ଆଲୋକପାତ




ବନ୍ତଳା, ୧।୧୧ (ଡି.ଏନ୍.ଏ.)

ଅନୁଗୋଳ ଚମ୍ପତିମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକତା ଦୌଡ଼ରେ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ, ଅନ୍ୟ କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପରେ ଉକ୍ତ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ରୁଦ୍ରପ୍ରସାଦ ସାହୁ ସର୍ଦ୍ଦାର ପଟେଲଙ୍କ ଜୀବନୀ ଓ ରାଷ୍ଟ୍ରୀୟ ଏକତା ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିବନ୍ଧ ଲେଖନ, ସ୍ଲୋଗାନ ଲେଖନ କାର୍ଯକ୍ରମରେ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଅପରାହ୍ନରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ମାର୍ଗ ଦର୍ଶନରେ ବିଦ୍ୟାଳୟ ପରିସରକୁ ସ୍ୱଚ୍ଛ ରଖିବା ପାଇଁ ଶ୍ରମଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଉପାଧ୍ୟକ୍ଷା ଗୀତା ପଟ୍ଟନାୟକ ତଦାରଖ କରିଥିଲେ।

### କଲେଜର ବିକାଶ ପାଇଁ ଅଧ୍ୟକ୍ଷଙ୍କ ସହ ଆଲୋଚନା



ବଇଣ୍ଡା,୧।୧୧(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଜନତା କଲେଜର ଅଧ୍ୟକ୍ଷ ଭାବେ ଗୁରୁବାର ସିଦ୍ଧାର୍ଥ ପଣ୍ଡା ଦାୟିତ୍ୱ ଗ୍ରହଣ କରିବା ପରେ ଶୁକ୍ରବାର ନୁନୁକାପଶି ପଞ୍ଚାୟତ ପକ୍ଷରୁ ଏକ ପ୍ରତିନିଧି ଦଳ ଅଧ୍ୟକ୍ଷଙ୍କୁ ଭେଟି କଲେଜର ବିକାଶ ଉପରେ ଆଲୋଚନା କରିଥିଲେ। ସରପଞ୍ଚ ଜଳଧର ସାହୁ, ବିଜେଡି ନେତା ସନ୍ତୋଷ କୁମାର ପ୍ରଧାନ, ପରିକ୍ଷିତ ସାହୁ, ସନ୍ତୋଷ କୁମାର ଦେହୁରି, ପ୍ରଦୀପ ସାହୁ ପ୍ରଥମେ ଅଧ୍ୟକ୍ଷ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ କଲେଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷକରି କଲେଜରେ ଶ୍ରେଣୀ ଗୃହ ସମସ୍ୟା, ସ୍ଥାୟୀ ଜମି, ଖେଳ ପଡ଼ିଆର ଉନ୍ନତି, ଲାଇବ୍ରେରୀ ପାଇଁ ସ୍ୱତନ୍ତ୍ର କୋଠରିର ଆବଶ୍ୟକତା ଥିବା ଅଧ୍ୟକ୍ଷ ପ୍ରକାଶ କରିଥିଲେ। ଏଗୁଡ଼ିକ କିପରି ସମାଧାନ ହେବ ଏ ନେଇ ଶିକ୍ଷା ବିଭାଗର ଉଚ୍ଚ ପଦାଧିକାରୀ, ନିର୍ଦ୍ଦେଶକ, ସଚିବ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ କଲେଜର ସଭାପତିଙ୍କୁ ଅବଗତ କରାଯିବ ବୋଲି ଆଲୋଚନା ହୋଇଥିଲା। ଏଥିସହ ସମସ୍ତ ଛାତ୍ରୀଛାତ୍ର କିଭଳି ଗୁଣାତ୍ମକ ଶିକ୍ଷା ପାଇବେ ସେଥିପ୍ରତି ଗୁରୁତ୍ୱ ଦେବି ବୋଲି ଅଧ୍ୟକ୍ଷ ପ୍ରତିନିଧି ଦଳଙ୍କୁ ସୂଚନା ଦେଇଥିଲେ।

### ଗାଡ଼ିମୋଟର ଯାଞ୍ଚ

ବଇଣ୍ଡା,୧।୧୧(ଡି.ଏନ.ଏ.)

ହଣ୍ଡପା ପୋଲିସ ପକ୍ଷରୁ ନାର୍କିଠାରେ ଶୁକ୍ରବାର ଗାଡ଼ିମୋଟର ଯାଞ୍ଚ କରାଯାଇଛି। ୭ଟି ମାମଲା ରୁଜୁ କରାଯିବା ସହ ୩୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ବାଇକ୍‌ଗୁଡ଼ିକୁ ଅଟକାଇ ହେଲମେଟ ଯାଞ୍ଚ କରାଯାଇଥିଲା। ହଣ୍ଡପା ଥାନା ସେକେଣ୍ଡ ଅଫିସର ସରୋଜ କୁମାର ଦାସ ଏହି ଯାଞ୍ଚ କରିଥିଲେ।

### ବାର୍‌ହା ଶିକାର ଅଭିଯୋଗ

ଛେଣ୍ଡିପଦା,୧।୧୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ସନ୍ତରାବନ୍ଧ ଗ୍ରାମରେ ଏକ ବାରହା ଶିକାର ହୋଇଥିବା ଅଭିଯୋଗ ପାଇ ବନ କର୍ମଚାରୀ ଗୁରୁବାର ଅପରାହ୍ନରେ ଚଢ଼ାଉ କରିଥିଲେ। ଧାନ ବିଲକୁ ଏକ ବାରହା ଆସି ଫସଲ ଖାଉଥିବାବେଳେ କେତେଜଣ ଯୁବକ ତାହାକୁ ଶିକାର କରିଥିବା ନେଇ ବନ ବିଭାଗ ଖବରପାଇ ତଦନ୍ତ କରିଥିଲା। ହେଲେ ଏ ସମ୍ପର୍କରେ କୌଣସି ପ୍ରମାଣ ବିଭାଗ ହାତରେ ଲାଗି ନ ଥିବା ଜଣାପଡିଛି।

## ଏନ୍‌ଟିପିସିରେ ଜାତୀୟ ଏକତା ଦିବସ



ତାଳଚେର,୧।୧୧(ନି.ପ୍ର.)

ଭାରତର ପ୍ରଥମ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଦିବସକୁ ଜାତୀୟ ଏକତା ଦିବସ ଭାବେ ଏନ୍‌ଟିପିସି କଣିହାଁ ପକ୍ଷରୁ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଟାଉନଶିପ ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଟିପିସି କଣିହାଁର ଚିଫ୍ ଜେନେରାଲ ମ୍ୟାନେଜର ସୁଦୀପ ନାଗ ଯୋଗଦେଇ ଉପସ୍ଥିତ ପଦାଧିକାରୀ ଏବଂ କର୍ମଚାରୀମାନଙ୍କୁ ଶପଥପାଠ କରାଇଥିଲେ। ରନ୍ ଫର ୟୁନିଟ୍ ସ୍ଲୋଗାନ ନେଇ ପ୍ରକଳ୍ପର ବରିଷ୍ଠ ପଦାଧିକାରୀ, କର୍ମଚାରୀ, ସ୍କୁଲ ଛାତ୍ରୀଛାତ୍ର ଏବଂ ଶ୍ରମିକ ସଙ୍ଗଠନର ପ୍ରତିନିଧିମାନେ ଏକ ପଦଯାତ୍ରାରେ ସାମିଲ ହୋଇଥିଲେ।

### ନୂଆ ସାମାଜିକ ସଙ୍ଗଠନ ଗଠିତ



ଅନୁଗୋଳ ଅଫିସ, ୧।୧୧

ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୪୪ ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ଅନୁଗୋଳ ଜିଲା ପରା ଗ୍ରାମର ସେବା ମନୋବୃତ୍ତି ରଖୁଥିବା ଯୁବଗୋଷ୍ଠୀଙ୍କୁ ନେଇ 'ପରା ପରିବାର' ନାମକ ଏକ ସାମାଜିକ ସଙ୍ଗଠନ ଗଠନ କରାଯାଇଛି। ଗ୍ରାମର ଯୁବ ସାମାଜିକକର୍ମୀ ପାର୍ଥ ସାରଥୀ ପ୍ରଧାନଙ୍କ ଆହ୍ୱାନକ୍ରମେ ରଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଉପସ୍ଥିତ ଯୁବଗୋଷ୍ଠୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ସୁଶାନ୍ତ ତ୍ରିପାଠୀ ଉପସ୍ଥିତ ରହି ନିସ୍ୱାର୍ଥପର ମନୋଭାବ ରଖି ସାମାଜ ପାଇଁ କାମ କରିବାକୁ ପ୍ରେରଣା ଦେଇଥିଲେ। ସାମାଜିକ ଅନୁଷ୍ଠାନ ସାଥୀ ପରିବାରର ସଦସ୍ୟମାନେ ବୈଠକରେ ଉପସ୍ଥିତ ଥିଲେ। ଗଣତାନ୍ତ୍ରିକ ନିୟମରେ ସଙ୍ଗଠନ ଗଠନ କରାଯାଇ ଥିବାବେଳେ ସଭାପତି ଭାବେ ପାର୍ଥ ସାରଥୀ ପ୍ରଧାନ, ସମ୍ପାଦକ ବିଚିତ୍ର ସାହୁ ଓ ଅନ୍ୟ ସଦସ୍ୟଙ୍କୁ ବିଭିନ୍ନ ପଦପଦବୀ ପାଇଁ ଚୟନ କରାଯାଇଥିଲା।

## ଟେଣ୍ଡର ଆବେଦନକାରୀଙ୍କ ଅଭିଯୋଗ

# କଥା ଶୁଣିଲାନି ୪ ଜଣିଆ କମିଟି

ଅନୁଗୋଳ ଅଫିସ, ୧।୧୧



ଅନୁଗୋଳ ପୌରପାଳିକା ପକ୍ଷରୁ ଶୁକ୍ରବାର ଖୋଲାଯାଇଥିବା ହୋର୍ଡିଂ ଟେଣ୍ଡର ଉପରେ ଜଣେ ଆବେଦନକାରୀ ଅଭିଯୋଗ ଉଠାଇଛନ୍ତି। ଟେଣ୍ଡର ଖୋଲାଯିବା ବେଳେ ଉପସ୍ଥିତ ଥିବା ୪ ଜଣିଆ କମିଟି ତାଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବା ସମ୍ପୃକ୍ତ ଆବେଦନକାରୀ କହିବା ସହ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ସନ୍ଦେହ ଥିବା ସେ ଅଭିଯୋଗ କରିଛନ୍ତି।

ସମ୍ପୃକ୍ତ ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ଅନୁଗୋଳ ପୌରପାଳିକା କାର୍ଯ୍ୟାଳୟରେ ଅପରାହ୍ନ ୫ଟାରେ ଦୁଇଟି ଟେଣ୍ଡର ଖୋଲାଯାଇଥିଲା। ଗୋଟିଏ ସହରାଞ୍ଚଳରେ ହୋର୍ଡିଂ ପାଇଁ ଡକାଯାଇଥିବାବେଳେ ଅନ୍ୟଟି ୪ଟି ପୋଖରୀର ଟେଣ୍ଡର ଥିଲା। ତେବେ ହୋର୍ଡିଂ ଟେଣ୍ଡର ପ୍ରଥମେ ଖୋଲାଯାଇଥିଲା। ମୋଟ ୩ ଜଣ ଏଥିପାଇଁ ଆବେଦନ କରିଥିବା ବେଳେ ଜଣଙ୍କୁ ତାହା ପ୍ରଦାନ କରାଯିବାକୁ ସ୍ଥିର କରାଯାଇଥିଲା। ଯେଉଁ ଦୁଇଜଣ ଆବେଦନକାରୀଙ୍କୁ ବାଦ୍ ଦିଆଯାଇଛି ସେମାନଙ୍କ ମଧ୍ୟରୁ ଜଣଙ୍କୁ ଆବଶ୍ୟକ ଦସ୍ତାବିଜ ନ ଥିବା ପାଇଁ ବାଦ୍ ପକାଯାଇଛି। ଅନ୍ୟ ଜଣଙ୍କୁ କମ୍ ରେଟ୍ ପାଇଁ ବାଦ୍ ଦିଆଯାଇଛି। ତେବେ କମ୍ ରେଟ୍ ପାଇଁ ବାଦ୍ ପଡ଼ିଥିବା ଆବେଦନକାରୀ ଜଣଙ୍କ ଟେଣ୍ଡର ନିୟମରେ ଥିବା ୨୧ ନମ୍ବର ପଏଣ୍ଟକୁ ପରଖିବାକୁ ୪ ଜଣିଆ କମିଟିକୁ ନିବେଦନ କରିଥିଲେ। ଏଥିସହ ଟେଣ୍ଡର ପାଇବାକୁ ସ୍ଥିର ହୋଇଥିବା ବ୍ୟକ୍ତିଙ୍କ ନାମରେ ସେ ଅଭିଯୋଗ ଆଣିଥିଲେ। କିନ୍ତୁ ତାଙ୍କର ସମସ୍ତ କଥାକୁ କମିଟି ମେମ୍ବର ପୌର ନିର୍ବାହୀ ଅଧିକାରୀ ବିନୋଦଚନ୍ଦ୍ର ପଣ୍ଡା, ନିର୍ବାହୀ ଯନ୍ତ୍ରୀ ସୀମାଞ୍ଚଳ ମିଶ୍ର, ଆସିଷ୍ଟାଣ୍ଟ ଟ୍ରେଜେରି ଅଧିକାରୀ ବିଲଚିଆସ୍ ମିଞ୍ଜ ଓ ଆସିଷ୍ଟାଣ୍ଟ କଲେକ୍ଟର ବଇତୁରା ଦୀପ କର୍ଣ୍ଣପାତ କରି ନ ଥିଲେ। କମିଟି ସଦସ୍ୟମାନେ ପୌରପାଳିକା ଦସ୍ତାବିଜ ଦେଖିବା ବଦଳରେ ଅଭିଯୋଗକାରୀଙ୍କ ନିକଟରେ କ'ଣ ପ୍ରମାଣ ରହିଛି ତାହା ଖୋଜିଥିଲେ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। କମିଟି ସଦସ୍ୟମାନଙ୍କ ଏପରି କାର୍ଯ୍ୟକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା ଟେଣ୍ଡରରେ ଜିଲାପାଳଙ୍କ ପ୍ରତିନିଧି ଉପସ୍ଥିତ ନ ଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ଏହା ଚୂଡ଼ାନ୍ତ ହୋଇନାହିଁ। ଟେଣ୍ଡର କମିଟି ବସି ନିଷ୍ପତ୍ତି ନେବା ପରେ ଚୂଡ଼ାନ୍ତ ହେବ। ଏହାପରେ ପ୍ରୋସିଡିଂ ହେବା ପରେ ଟେଣ୍ଡର କାହାକୁ ମିଳିବ ଏବଂ ପରବର୍ତ୍ତୀ ପଦକ୍ଷେପ କ'ଣ ନିଆଯିବ ସେ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ପଣ୍ଡା କହିଛନ୍ତି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ଶନିବାର, ନଭେମ୍ବର ୨/୨୦୧୯ Dhenkanal, Saturday , November 2 / 2019

## ସଂକ୍ଷେପରେ

### ୭ରେ ହିନ୍ଦୋଳ ଆସିବେ କୋରାପୁଟ ଏମ୍‌ପି



**ସାତମାଇଲ, ୧।୧୧(ଡି.ଏନ୍.ଏ.):** କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଚଳିତ ୭ ତାରିଖରେ ହିନ୍ଦୋଳ ଗସ୍ତରେ ଆସିବେ। ଓଡ଼ିଶାର ଏକମାତ୍ର କଂଗ୍ରେସ ଏମ୍‌ପିଙ୍କ ଏହି ଗସ୍ତକୁ ନେଇ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାକୁ ଶୁକ୍ରବାର ସାତମାଇଲସ୍ଥିତ ହାଟପଡ଼ିଆରେ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତ୍ରିନାଥ ବେହେରାଙ୍କ ଆବାହକତ୍ୱ ଏବଂ ସୁରେନ୍ଦ୍ର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଛବିରାଜ ବିଶ୍ୱାଳ, ବିଶେଶ୍ୱର ସେଠୀ, ସୁବାସ ପାଳ, ପ୍ରକାଶ ପରିଡ଼ା, ମନୋଜ ସାମଲ, ସମରେଶ ମାଝି , ରତିକାନ୍ତ ଗଡନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

### ଦୁର୍ନୀତି ନିବାରଣ ସଚେତନତା

**କାମାକ୍ଷାନଗର, ୧।୧୧(ଡି.ଏନ୍.ଏ.):** କାମାକ୍ଷାନଗର ବ୍ଲକ ରାୟନରସିଂହପୁର ପଞ୍ଚାୟତରେ ଶୁକ୍ରବାର ଦୁର୍ନୀତି ନିବାରଣ ସପ୍ତାହ ଉପଲକ୍ଷେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ଶିଶିରକାନ୍ତ ବେହେରା ଅଧକ୍ଷତା କରିଥିଲେ। ଦୁର୍ନୀତି ନିବାରଣ ବିଭାଗ ଡିଏସ୍‌ପି ବେଣୁଧର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ତୃଣମୂଳସ୍ତରରେ କିଭଳି ଦୁର୍ନୀତିକୁ ରୋକାଯାଇପାରିବ ସେ ନେଇ ଆଲୋକପାତ କରିଥିଲେ। ଦୁର୍ନୀତି ନିବାରଣ ବିଭାଗ ଶାଖାର ପ୍ରଦୀପ କୁମାର ପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ପରିଷଦ ସଭ୍ୟ ହୃଦାନନ୍ଦ ପରିଡ଼ା, ସମିତି ସଭ୍ୟା ରଶ୍ମିରେଖା ବରାଳଙ୍କ ସମେତ ଆଖପାଖ ପଞ୍ଚାୟତର ଜନପ୍ରତିନିଧି ଏବଂ ସାଧାରଣ ଲୋକ ଉପସ୍ଥିତ ଥିଲେ। ପିଇଓ ମାଧବାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### କଣ୍ଟାବଣିଆ ବଜାରରେ ଲାଗିଲା ସୋଲାର ଲାଇଟ୍



**ଓଡ଼ାପଡ଼ା, ୧।୧୧(ଡି.ଏନ.ଏ.):** ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା ୫୫ନଂ. ଜାତୀୟ ରାଜପଥ ଟାଟାଷ୍ଟିଲ ବିଏସ୍‌ଏଲ୍ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ଥିବା ବଜାରରେ ଶୁକ୍ରବାର ସୋଲାର ଲାଇଟ୍ ଲାଗିଛି। ଏହାକୁ ଟାଟାଷ୍ଟିଲ ପକ୍ଷରୁ ପ୍ରଦାନ କରାଯାଇଛି। ବଜାରରେ ମୋଟ ୨୧ ସୌରଶକ୍ତି ଚାଳିତ ଆଲୋକ ବ୍ୟବସ୍ଥା କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସିଏସ୍‌ଆର ମୁଖ୍ୟ ଦିବ୍ୟହାସ ରାୟ, ନିରାପତ୍ତା ମୁଖ୍ୟ ପ୍ରବୀଣ ଯାଦବ, ବଜାର କମିଟି ସଭାପତି ଜୟକୃଷ୍ଣ ପାଣିଗ୍ରାହୀ, ଥାନାଧିକାରୀ ନିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଭଦ୍ରକ ଅଫିସ,୧।୧୧:** କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ମଧ୍ୟାହ୍ନରେ ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଅସୁରାଳି ବଜାରସ୍ଥିତ ଏକ ଇଞ୍ଜିନିୟରିଂ କଲେଜ ସମ୍ମୁଖରୁ ୪୮ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଗିରଫ ହୋଇଛନ୍ତି ଅରୁଣ ମଲ୍ଲିକ। ଲୁଣିଆ ମଙ୍ଗଳପୁର ଗାଁର ଅରୁଣ ଉକ୍ତ ଅଞ୍ଚଳରେ ବୁଲି ଯୁବଗୋଷ୍ଠୀଙ୍କୁ ବ୍ରାଉନସୁଗାର ବିକ୍ରି କରିଆସୁଥିଲେ। କୌଣସି ସୂତ୍ରରୁ ଖବର ପାଇ ଏହି ଟିମ୍ ତାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଏହି ଟିମ୍‌ରେ ଇନ୍ସପେକ୍ଟର ଜଗଦୀଶ ସାମଲ ଓ ଗାଲୁରାମ ସୋରେନଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

■ବଢ଼ିଲା ସୋଗର ପିଇଓଙ୍କ ଅଡୁଆ

# କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ

**କାମାକ୍ଷାନଗର, ୧।୧୧(ଡି.ଏନ.ଏ.)**



■ପଛୁଆ ତାରିଖ ପକାଇ ଦେଲେ କାର୍ଯ୍ୟାଦେଶ

■ବଳିଷ୍ଠ ପ୍ରମାଣ ଅଛି: ବିଡିଓ

ଲାଞ୍ଚ କାରବାର ସମ୍ପର୍କିତ ମୋବାଇଲ ରେକର୍ଡିଂ ବାର୍ତ୍ତାଳାପ ଭାଇରାଲ ହେବା ପରେ ଅଡୁଆରେ ପଡ଼ିଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସୋଗର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସୁଶାନ୍ତି ସେଠୀ। ଲାଞ୍ଚ କାରବାରରେ ତାଙ୍କର ସମ୍ପୃକ୍ତି ଥିବା ଧୀରେ ଧୀରେ ସ୍ପଷ୍ଟ ହେବାରେ ଲାଗିଥିବାବେଳେ ଏ ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ବିଡିଓ ବିକାଶ କୁମାର ମହାନ୍ତିଙ୍କ ହାତରେ ଲାଗିଛି। ଏହା ପରେ ପିଇଓଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଡିଓ ପିଡି ଡିଆର୍‌ଡିଏଙ୍କ ନିକଟକୁ ପତ୍ର ଲେଖିଛନ୍ତି।

ଅନ୍ୟପଟେ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଶୁକ୍ରବାର ପିଇଓ ଅଭିଯୋଗକାରୀଙ୍କ ନିକଟରେ ପହଞ୍ଚିଥିଲେ। ଏଥିସହ ନିଜର ଦୋଷ ଲୁଚାଇବାକୁ ପଛୁଆ ତାରିଖ (୧୫।୫।୨୦୧୯)ରେ କାର୍ଯ୍ୟାଦେଶ (ନଂ.୯୬୮) ପ୍ରଦାନ କରିଥିଲେ। ନିଜର ଭୁଲ ସ୍ୱୀକାର କରିବା ସହ ଗୃହ ନିର୍ମାଣ ସମ୍ପର୍କିତ ତୃତୀୟ କିସ୍ତି ବାବଦକୁ ୪୦ ହଜାର ଟଙ୍କା ତୁରନ୍ତ ବିଲ୍ ପୈଠ ପାଇଁ ଫଟୋ ଉଠାଇଥିଲେ। ଏହାକୁ ବିଭାଗୀୟ ଅଧିକାରୀଙ୍କ ଜରିଆରେ ବିଡିଓଙ୍କ ନିକଟକୁ ପଠାଇଥିଲେ। ଏ ନେଇ ବିଡିଓ କୁହନ୍ତି, ଘଟଣାର ତଦନ୍ତ କରାଯାଇଛି। ପିଇଓ ନିଜକୁ ବଞ୍ଚାଇବାକୁ ଯାଇ ମିଛ କହୁଛନ୍ତି। ଲାଞ୍ଚ କାରବାରରେ ତାଙ୍କର ସମ୍ପୃକ୍ତି ଥିବା ବଳିଷ୍ଠ ପ୍ରମାଣ ମିଳିଛି। କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ଅଭିଯୋଗ ଅନୁଯାୟୀ, ସୋଗରପାଟଣା ସାହିର ଦିବ୍ୟାଙ୍ଗ ହିମାଂଶୁ ସ୍ୱାଇଁଙ୍କ ସ୍ତ୍ରୀ ରଶ୍ମିତାଙ୍କ ଆବାସ ଯୋଜନା ଗୃହ ନିର୍ମାଣ ସମ୍ପର୍କିତ ଶେଷ କିସ୍ତି ବିଲ୍ ପାଇଁ ପିଇଓ ଟଙ୍କା ଦାବି କରିଥିଲେ। ଏଥିସହ ପୂର୍ବରୁ ୩ ହଜାର ଟଙ୍କା ମଧ୍ୟ ନେଇଥିଲେ। ଏପରି କି ହିତାଧିକାରୀ ୨ କିସ୍ତିରେ ୫୦ ହଜାର ଟଙ୍କା ସରକାରଙ୍କଠାରୁ ପାଇସାରିଥିବାବେଳେ ଏଯାଏ ତାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇନାହିଁ। ପିଇଓ ଏବଂ ହିତାଧିକାରୀଙ୍କ ମଧ୍ୟରେ ହୋଇଥିବା ଏ ସମ୍ପର୍କିତ ସମସ୍ତ କଥାବାର୍ତ୍ତା ମୋବାଇଲ ଫୋନ୍‌ରେ ରେକର୍ଡିଂ ହୋଇଛି, ଯାହାକୁ ଗଣମାଧ୍ୟମ ପ୍ରତିନିଧିଙ୍କ ସହାୟତାରେ ରଶ୍ମିତା ବିଡିଓଙ୍କୁ ଶୁଣାଇଥିଲେ।

## ଆଇଜିଆଇଟି ଆକାଉଣ୍ଟ ଅଫିସର ନିଲମ୍ବିତ

**ପରଜଙ୍ଗ,୧।୧୧(ଡି.ଏନ.ଏ.)**



ବିଶୃଙ୍ଖଳିତ ଆଚରଣ ଏବଂ ଶିକ୍ଷାନୁଷ୍ଠାନର ନିୟମ ଭଙ୍ଗ କରିଥିବା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି ପରଜଙ୍ଗ ବ୍ଲକ ସରାଙ୍ଗ ଆଇଜିଆଇଟି କଲେଜର ଆକାଉଣ୍ଟ ଅଧିକାରୀ ଦେବଦତ୍ତ ପ୍ରଧାନ। ଏ ସମ୍ପର୍କରେ ଅନୁଷ୍ଠାନର ନିର୍ଦ୍ଦେଶକ ସତ୍ୟବ୍ରତ ମହାନ୍ତ ସୂଚନା ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୨୨ ରାତିରେ ଡିପ୍ଲୋମା ପ୍ରଥମ ବର୍ଷର ଜଣେ ଛାତ୍ରୀ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଅବଗତ ନ କରାଇ ଅନୁପସ୍ଥିତ ଥିଲେ। ସମ୍ପୃକ୍ତ ଛାତ୍ରୀଙ୍କୁ ଅଧିକାରୀ ଜଣକ ନିଜ ରୁମ୍‌ରେ ରଖିଥିବା ଅଭିଯୋଗ ଉଠିଥିଲା। ଏହାକୁ ନେଇ କଲେଜର ଭାବମୂର୍ତ୍ତି ମଳିନ ପଡ଼ିଥିଲା। କଲେଜ ୱେଲଫେୟାର କମିଟି ଏହି ଘଟଣାକୁ ଅତି ସମ୍ବେଦନଶୀଳ ବୋଲି କହିବା ସହ ଏ ନେଇ କଲେଜ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଛାତ୍ରୀ କିମ୍ବା ତାଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିଲେ ମଧ୍ୟ ଘଟଣା ସଙ୍ଗିନ ହୋଇଥିବାରୁ ଡିଆଇଜିଙ୍କ ନିର୍ଦ୍ଦେଶରେ କଲେଜର ମେଣ୍ଟେନାନ୍ସ ମୁଖ୍ୟ ନୃସିଂହ ଚରଣ ପାଣିଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରିଥିଲା। ୨୮ ତାରିଖରେ ଏ ନେଇ ଅଭିଭାବକ ଏବଂ କର୍ମଚାରୀଙ୍କୁ ନେଇ ଗଠିତ କମିଟିରେ ଅଭିଯୋଗ ଉଠିଥିଲା। ଘଟଣା ପରେ ଆକାଉଣ୍ଟ ଅଫିସର ଫେରାର ଥିଲେ। ଏ ନେଇ ନିର୍ଦ୍ଦେଶକ କୁହନ୍ତି, ନିଲମ୍ବିତ ଆକାଉଣ୍ଟ ଅଫିସରଙ୍କ କାର୍ଯ୍ୟବିଧି ଉପରେ ନିଜର ରଖାଯିବ। ସେ ମନଇଚ୍ଛା ବାହାରକୁ ଯାଇପାରିବେ ନାହିଁ। ତାଙ୍କର ପ୍ରତିଟି କାର୍ଯ୍ୟକୁ ରେଜିଷ୍ଟରରେ ଉଲ୍ଲେଖ କରାଯିବ।

■ଦୁର୍ନୀତି ନିବାରଣ ସପ୍ତାହରେ ଜିଲାପାଳଙ୍କ ଆହ୍ୱାନ

## 'ଭୋଗବିଳାସ ଛାଡ଼, ସଂଯମୀ ହୁଅ'



**ଢେଙ୍କାନାଳ ଅଫିସ, ୧।୧୧**

ଅନ୍ୟର ଭୋଗବିଳାସକୁ ଦେଖି ଆକର୍ଷିତ ହେବା ବୁଦ୍ଧିମାନର ପରିଚୟ ନୁହେଁ। ଭୋଗବିଳାସକୁ ପଛରେ ଛାଡ଼ି ଆମ୍ ସଂଯମୀ ହେଲେ ଦୁର୍ନୀତିମୁକ୍ତ ବାତାବରଣ ସୃଷ୍ଟି ହେବ। ସମୟ ଅନୁଯାୟୀ କର୍ମ କରିଚାଲିଲେ ସମସ୍ତଙ୍କ ମଙ୍ଗଳ ହେବ ବୋଲି କହିଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଆୟୋଜିତ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସିବିଆଇ ସ୍ୱତନ୍ତ୍ର ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ କହିଲେ, କର୍ତ୍ତବ୍ୟନିଷ୍ଠ ହୋଇ ସମସ୍ତେ ଭଲ ମଣିଷ ହେବାକୁ ଚେଷ୍ଟା କରିବା ଉଚିତ୍। ଆଇନକୁ ମାନି ଚଳିଲେ ଦୁର୍ନୀତି ଦୂର ହେବ। ଅନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଭବେଶ ନାୟକ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା ମଞ୍ଚାସୀନ ଥିଲେ। ଏହି ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ ସ୍ୱାଗତ ଭାଷଣ ଏବଂ ଭିଜିଲାନ୍ସ ଶାଖା ଡିଏସ୍‌ପି ବେଣୁଧର ନାୟକ ଧନ୍ୟବାଦ ଦେଇଥିଲେ।

## ଜେରକ୍ସ ପ୍ରଶ୍ନପତ୍ରରେ ପରୀକ୍ଷା ଦେଲେ ଛାତ୍ରୀଛାତ୍ର

**ଚମ୍ପୁଆ,୧।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଲାଗି ଚଳିତ ବର୍ଷ ଷାଣ୍ମାସିକ ପରୀକ୍ଷା ଆରମ୍ଭ ହୋଇଛି। ମାତ୍ର ବିଦ୍ୟାଳୟଗୁଡିକୁ କମ୍ ପ୍ରଶ୍ନପତ୍ର ଆସିଥିବା ନେଇ ଶିକ୍ଷକମାନେ ଶିକ୍ଷା ଅଧିକାରୀଙ୍କୁ ସୂଚନା ଦେଇଥିଲେ। ପରେ ପ୍ରଶ୍ନପତ୍ରଗୁଡିକୁ ଜେରକ୍ସ କରି ଛାତ୍ରୀଛାତ୍ରଙ୍କୁ ଦିଆଯାଇଥିଲା। ଚମ୍ପୁଆ ବ୍ଲକରେ ଥିବା ମୋଟ ୧୭୨ ବିଦ୍ୟାଳୟରେ ପ୍ରାୟ ୧୨ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଉଛନ୍ତି। କମ୍ ପ୍ରଶ୍ନପତ୍ର ଆସିବା ଘଟଣା ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଶ୍ନପତ୍ର ଅଭାବ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକଙ୍କୁ ପଚାରିବାରୁ କହିଛନ୍ତି, ଡିପିସି ଅଫିସରୁ ଆମକୁ କମ୍ ପ୍ରଶ୍ନପତ୍ର ମିଳିଛି। ଏଭଳି ସମସ୍ୟାର ସମାଧାନ କରିବା ଲାଗି ଜେରକ୍ସର ସହାୟତା ନିଆଯାଇଛି। ଶିକ୍ଷା କ୍ଷେତ୍ରରେ ସୁଧାର ଆଣିବା ଲାଗି ସରକାର ସମସ୍ତ ବ୍ୟବସ୍ଥା କରୁଥିବା କହୁଥିବା ବେଳେ କେଉଁ କାରଣ ପାଇଁ କମ୍ ପ୍ରଶ୍ନପତ୍ର ଆସିଲା ତାହାର ଉତ୍ତର କାହାଠାରୁ ମିଳୁ ନାହିଁ ।

## ସିନର୍ଜିରେ ଜାତୀୟ କର୍ମଶାଳା




କର୍ମଶାଳାରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୧।୧୧**

ଢେଙ୍କାନାଳସ୍ଥିତ ସିନର୍ଜି କଲେଜରେ ବିଦ୍ୟୁତ୍ ବିଭାଗ, ଇଲେକ୍ଟ୍ରୋନିକ୍ସ ବିଭାଗ ଏବଂ ଟେଲିକମ୍ୟୁନିକେଶନ ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ଦୁଇଦିନିଆ ଜାତୀୟସ୍ତରୀୟ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାରେ ସୋଲାର ପ୍ୟାନେଲ ମରାମତି, ଡିଜାଇନ୍ ଏବଂ ଇନଷ୍ଟାଲେଶନ ଉପରେ ଆଲୋଚନା ହୋଇଥିଲା।

ଭୁବନେଶ୍ୱରସ୍ଥିତ ଇନୋଡଷ୍ଟ ଓ ଟେଲିକମ୍ୟୁନିକେଶନର ମୁଖ୍ୟ ପରିଚାଳକ ଗୌରବ କୁମାର ଅଗ୍ରୱାଲ, ଉର୍ଜାଗ୍ରୁପ୍ ଅଫ୍ କମ୍ପାନୀର ପରିଚାଳକ ଇଂ. ଚନ୍ଦନ କୁମାର ବାରିକ ଉପସ୍ଥିତ ରହି ସୌରଶକ୍ତି ଦ୍ୱାରା ପରିଚାଳିତ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର, ଉପାଦେୟତା ଏବଂ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧକ୍ଷା ଇତିଶ୍ରୀ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଦ୍ୟୁତ୍ ବିଭାଗ ମୁଖ୍ୟ ପ୍ରଫେସର ଶକ୍ତିଶଙ୍କର ପତି, ଇଲେକ୍ଟ୍ରୋନିକ୍ସ ବିଭାଗ ମୁଖ୍ୟ ପ୍ରଶାନ୍ତ ନାୟକ, ଟ୍ରଷ୍ଟି ଇଂ.ଅକ୍ଷୟ ସାହୁ, ଡ. ଲୋକନାଥ ଧଳସାମନ୍ତ, ସଞ୍ଜୟ ସାଥୁଆ ମହାପାତ୍ର, ସୌମ୍ୟରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଘରକୁ ବାହୁଡ଼ିଲେ ତୁଫାନୀ

**ଢେଙ୍କାନାଳ ଅଫିସ, ୧।୧୧**



ନିଖୋଜର ଦୀର୍ଘ ୯ମାସ ପରେ ପରିବାର ଲୋକଙ୍କ ସହ ଘରକୁ ଫେରିଛନ୍ତି ବୃଦ୍ଧ ତୁଫାନୀ। ଏଥିପାଇଁ ସେ ମହର୍ଷି ଦୟାନନ୍ଦ ମିଶନ ଆଶ୍ରମ ଜରାଶ୍ରମର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ, ତୁଫାନୀଙ୍କ ପୈତୃକ ଗ୍ରାମ ବିହାରର ସୋହା ଜିଲାରେ। ଦୀର୍ଘ ୯ମାସ ତଳେ ସେ ନିଖୋଜ ହୋଇଯାଇଥିଲେ। ଗତ ଦୀପାବଳିରେ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଅଞ୍ଚଳରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ପୋଲିସ ସହାୟତାରେ ତାଙ୍କୁ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ମିଶନ ଆଶ୍ରମ ଜରାଶ୍ରମରେ ଥଇଥାନ କରାଯାଇଥିଲା। ସୂଚନା ପାଇ ତୁଫାନୀଙ୍କ ପୁଅ ମହମ୍ମଦ ଜାହିର, ସ୍ତ୍ରୀ ସୁବେଦା ଏବଂ ଅନ୍ୟ ପରିବାର ସଦସ୍ୟ ଶୁକ୍ରବାର ଜରାଶ୍ରମରେ ପହଞ୍ଚିଥିଲେ। ଅପରାହ୍ନ ୨ଟାରେ ଟ୍ରେନ୍‌ରେ ସମସ୍ତେ ଘର ଅଭିମୁଖେ ବାହୁଡ଼ିଛନ୍ତି।

ମହମ୍ମଦଙ୍କ କହିବା କଥା, ବାପା ତୁଫାନୀ ହେଉଛନ୍ତି ସୋହାର ଜଣେ ୱାର୍ଡ ସଦସ୍ୟ। ଗତ ଫେବୃୟାରୀରେ ନୂଆଦିଲ୍ଲୀର ଆନନ୍ଦ ବିହାର ଅଞ୍ଚଳର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଏହାପରେ ସେ ନିଖୋଜ ହୋଇଯାଇଥିଲେ। ତାଙ୍କୁ ଖୋଜିବା ପାଇଁ ବିଭିନ୍ନ ଥାନା ଏବଂ ଜରାଶ୍ରମକୁ ଯୋଗାଯୋଗ କରାଯାଇଥିଲା। ମହର୍ଷି ଦୟାନନ୍ଦ ସର୍ଭିସ ମିଶନର ସମ୍ପାଦକ ପ୍ରଦୀପ ସାହୁଙ୍କ ଉଦ୍ୟମରେ ବାପାଙ୍କ ସମ୍ପର୍କରେ ଜଣାପଡ଼ିଥିଲା। ପରିବାର ଲୋକଙ୍କ ସହ ମିଶିବା ପରେ ତୁଫାନୀ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା।

■ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇଁ ଲାଞ୍ଚ ମାଗିବା ଘଟଣା

# ତଦନ୍ତ କଲେ ବିଡିଓ



**ପରଜଙ୍ଗ, ୧।୧୧(ଡି.ଏନ୍.ଏ.)**

ପରଜଙ୍ଗ ବ୍ଲକ ଲୋଧଣୀ ପଞ୍ଚାୟତ ମେଣ୍ଡାପଦା ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ପାଇଁ ଲାଞ୍ଚ ଅଭିଯୋଗ ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଶୁକ୍ରବାର ବିଡିଓ ବସନ୍ତ ମଲ୍ଲିକ, ଏବିଡିଓ ଅଶୋକ ମିଶ୍ର, ଆକାଉଣ୍ଟାଣ୍ଟ ମଧୁସ୍ମିତା ପରିଜା, କନିଷ୍ଠ ଯନ୍ତ୍ରୀ ବାଲିଆ ହେମ୍ବ୍ରମ୍ ପ୍ରମୁଖ ହିତାଧିକାରୀ ରୀତା ସାହୁଙ୍କ ଘରେ ପହଞ୍ଚି ତଦନ୍ତ କରିଛନ୍ତି। ତେବେ ଅଧିକାରୀମାନେ ପଚରାଉଚୁରାବେଳେ ରୀତା କୌଣସି ପ୍ରମାଣ ଦେଇପାରି ନ ଥିବା ଜଣାପଡ଼ିଛି।

ନରହରି ସାହୁଙ୍କ ସ୍ତ୍ରୀ ରୀତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଲିକାଭୁକ୍ତ କରାଯାଇଥିଲା। ତାଲିକାରେ ତାଙ୍କ କ୍ରମିକ ସଂଖ୍ୟା ଥିଲା ୧୯୬। ହେଲେ କାର୍ଯ୍ୟାଦେଶ ପାଇଁ ପିଇଓ ଅନିରୁଦ୍ଧ ମହାଭୋଇ ୮ହଜାର ଟଙ୍କା ଲାଞ୍ଚ ମାଗୁଥିବା ନେଇ ସେ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ।

ତଦନ୍ତ ସମୟରେ ରୀତା ବିଡିଓଙ୍କ ଆଗରେ କହିଛନ୍ତି, ତାଙ୍କ ନାମ ତାଲିକାରେ ରହିଛି। ୨ମାସ ତଳେ ପିଇଓ ତାଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ କାର୍ଯ୍ୟାଦେଶ ମିଳିବ ନାହିଁ ବୋଲି କହିଥିଲେ। ଏହାପରେ ସେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ପିଇଓ କୁହନ୍ତି, ସେ ଏବଂ ଜିଆର୍‌ଏସ୍ ଦୁଃଖବନ୍ଧୁ ପ୍ରଧାନ ହିତାଧିକାରୀଙ୍କ ଘରକୁ ଯାଇ ତଦନ୍ତ କରିଥିଲେ। ଏଥିରୁ ରୀତାଙ୍କ କୋଠା ଘର ଥିବା ଜଣାପଡ଼ିଛି। ତେଣୁ ତାଙ୍କ ନାମକୁ ହୋଲ୍ଡ୍ କରାଯାଇଥିଲା। ତେଣୁ ସେ ଏପରି ଅଭିଯୋଗ ଆଣିଥିବା ପିଇଓ ସୂଚନା ଦେଇଛନ୍ତି। ବିଡିଓ କୁହନ୍ତି, ଅଭିଯୋଗର କୌଣସି ପ୍ରମାଣ ହିତାଧିକାରୀ ଦେଇପାରିନାହାନ୍ତି। ରୀତାଙ୍କ କୋଠାଘର ଅଛି। ତେଣୁ ତାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇନାହିଁ। ତେବେ କୋଠାଘର ସମ୍ପର୍କରେ ରୀତା କହିଛନ୍ତି, ଉକ୍ତ ଘର ତାଙ୍କ ଦେଢ଼ଶୁର ରୋହିତ ସାହୁଙ୍କର। ସେ ସେଠାରେ ରହୁ ନାହାନ୍ତି। ଘର ଖାଲି ଥିବାରୁ ରୀତା ପରିବାର ସହ ସେଠାରେ ରହୁଥିବା କହିଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ